Postal Regd.No.:
BGR - 02/2021-2023
ବର୍ଷ - ୨୧ ■ ସଂଖ୍ୟା - ୧୫
Volum. - 21 ■ Issue No.- 15
Sunday ■ Balangir
ରବିବାର ■ ବଲାଙ୍ଗିର

KOSHALA PRABAHA

# କୋଶଳ ପ୍ରବାହ


www.koshalaprabaha.com

R.N.I.No.: ODIODI/2000/03637 / ୨୧ ଫେବୃଆରୀ - ୨୭ ଫେବୃଆରୀ ୨୦୨୧ / 21 Feb. - 27 Feb. 2021 / Odia Weekly / 8 Pages / Rs.2/- only

## ଶୀତ କମିଲେ ପେଟ୍ରୋଲର ମୂଲ୍ୟ ମଧ ହ୍ରାସ ପାଇବ : ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ : ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଶୀତଦିନେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ପାଇଛି, ଶୀତଦିନ ଶେଷ ହେବା ପରେ ମୂଲ୍ୟ ମଧ ହ୍ରାସ ପାଇବ । ସେ କହିଛନ୍ତି- 'ବର୍ତମାନ ସମୟରେ ଆନ୍ତର୍ଜାତୀୟ ବଜାରରେ ପେଟ୍ରୋଲ ଦର ବୃଦ୍ଧି ହେତୁ ଏହାର ଗ୍ରାହକଙ୍କ ଉପରେ କୌଣସି ପ୍ରଭାବ ପଡିବ ନାହିଁ । ଶୀତ ଶେଷ ହେବା ସହିତ ମୂଲ୍ୟ ଧୀରେ ଧୀରେ ହ୍ରାସ ପାଇବ । ଏହା ଏକ ଆନ୍ତର୍ଜାତୀୟ ପ୍ରସଙ୍ଗ । ବର୍ତ୍ତମାନ ଚାହିଦା ଅଧିକ ହେବା କାରଣରୁ ଦର ବୃଦ୍ଧି ପାଇଛି ।'

## ବଲାଙ୍ଗିର ମାଟିର ଟାଣୁଆ ନେତା ଗିରିଧାରୀ ପତି ଚାଲିଗଲେ



ବଲାଙ୍ଗିର, (ନିପ୍ର) : ଜଣେ ବଳିଷ୍ଠ ସମାଜସେବୀ ତଥା ଲୋକନେତା ଲଳିତ ନାୟକଙ୍କ ଦେହାନ୍ତ ପରେ ଏବେ ଆଉ ଜଣେ ବଲାଙ୍ଗିରର ଟାଣୁଆ ନେତାଙ୍କ ପରଲୋକ ଘଟିଛି । ଏଥିରେ ବଲାଙ୍ଗିର ଯୁବ ସମାଜରେ ଲୋକର ଲହରି ଖେଳି ଯାଇଛି । ବଲାଙ୍ଗିର ମାଟିର ଟାଣୁଆ ନେତା ଗିରିଧାରୀ ପତି(୫୭)ଙ୍କ ଦେହାନ୍ତ ହୋଇ ଯାଇଥିବା ସୂଚନା ମିଳିଛି । ମାଉଥ୍ କ୍ୟାନ୍‌ସର୍ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିବା ସ୍ୱର୍ଗତ ପତି ଗୁରୁତର ହେବାରୁ ତାଙ୍କୁ ବୁର୍ଲା ମେଡ଼ିକାଲ୍‌କୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପରଲୋକ ହୋଇଥିବା ଜଣାପଡ଼ିଛି । ବଲାଙ୍ଗିର ହାଟପଦାପଡ଼ା ନିବାସୀ ସ୍ୱର୍ଗତ ଗିରିଧାରୀ ଜଣେ ଟାଣୁଆ ନେତା ଭାବେ ନିଜ ପରିଚୟ ସୃଷ୍ଟି କରି ପାରିଥିଲେ । ହାଟପଦାପଡ଼ା ମୈତ୍ରୀମହଲର ସଭାପତି ରହି ସେ ଅନେକ ଜନହିତକର କାର୍ଯ୍ୟ କରିଥିଲେ । ଜଣେ ଯୁବ ସମାଜସେବୀ ଭାବେ ମଧ୍ୟ ତାଙ୍କ ସୁନାମ ରହିଥିଲା ।

ଲୋଇସିଂହା ନିର୍ବାଚନ ମଣ୍ଡଳୀରୁ ବିଧାନସଭା ନିର୍ବାଚନରେ ଖୁବ୍ କମ୍ ଭୋଟ ବ୍ୟବଧାନରେ ସେ ପରାଜିତ ହୋଇଥିବା ବେଳେ ଦୁଇ ଦୁଇ ଥର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ହାରି ଯାଇଥିଲେ । ତେବେ ତାଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁଁ ସେ ଖୁବ୍ ଲୋକପ୍ରିୟ ଥିଲେ । ପୂର୍ବରୁ ସେ କଂଗ୍ରେସ ଦଳର ଜଣେ ଟାଣୁଆ ନେତା ଭାବରେ ବିଶେଷ ସୁନାମ ଅର୍ଜନ କରିଥିବା ବେଳେ ପରବର୍ତ୍ତୀ ସମୟରେ ବିଜେଡ଼ିରେ ଯୋଗଦାନ କରିଥିଲେ । ତେବେ ନିଜେ ଦଳରୁ ଉପରେ ରହି ଜନ ହିତକର କାର୍ଯ୍ୟ କରିବାରେ ସେ ବେଶ୍ ଆଗୁଆ ଥିଲେ, ଯେଉଁଥିପାଇଁ ଜନସାଧାରଣଙ୍କ ପ୍ରିୟଭାଜନ ହୋଇ ପାରିଥିଲେ । ତାଙ୍କ ବିୟୋଗରେ ସାରା ବଲାଙ୍ଗିର ସହରରେ ତଥା ରାଜନୈତିକ ଜଗତରେ ଶୋକର ଛାୟା ଖେଳିଯାଇଛି ।

## ବିଧାନସଭା ନିର୍ବାଚନ : ତାମିଲନାଡୁ, କେରଳ, ପୁଡୁଚେରୀରେ ଭୋଟ୍ ଏପ୍ରିଲ ୬ ରେ, ପଶ୍ଚିମବଙ୍ଗରେ ଆଠଟି ପର୍ଯ୍ୟାୟରେ ନିର୍ବାଚନ



ନୂଆଦିଲ୍ଲୀ : ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଅରୋଡ଼ା ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ, କେରଳ, ପୁଡୁଚେରୀ ପାଇଁ ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରିଛନ୍ତି । ଏହି ପାଂଚଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳ ମଧ୍ୟରୁ କେବଳ ଭାରତୀୟ ଜନତା ପାର୍ଟି ସରକାର ଆସାମରେ ଅଛନ୍ତି ।

ଆଠଟି ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ମତଦାନ ହେବ । ପ୍ରଥମ ପର୍ଯ୍ୟାୟ – ୩୦ ବିଧାନସଭା ଆସନ, ମାର୍ଚ୍ଚ ୨ ରେ ବିଜ୍ଞପ୍ତି ପ୍ରକାଶ ପାଇବ । ୯ ମାର୍ଚ୍ଚରେ ନାମାଙ୍କନ ପତ୍ରର ଶେଷ ଦିନ, ମତଦାନ ତାରିଖ ୨୭ ମାର୍ଚ୍ଚ । ଦ୍ୱିତୀୟ ପର୍ଯ୍ୟାୟ – ୩୦ ବିଧାନସଭା ଆସନ, ମାର୍ଚ୍ଚ ୫ ରେ ବିଜ୍ଞପ୍ତି ଜାରି କରାଯିବ । ୧୨ ମାର୍ଚ୍ଚରେ (ସପ୍ତମ ପୃଷ୍ଠା ଦେଖନ୍ତୁ)

## ବଲାଙ୍ଗିର ମାଟିର ପୁଅ ଡ. ଅନ୍‌ମୋଲ ମିଶ୍ର ପାଇଲେ ଗୋଲ୍ଡ୍ ମେଡ଼ାଲ

ବଲାଙ୍ଗିର, (ନିପ୍ର) : ବଲାଙ୍ଗିର ମାଟିର ପୁଅ ଡ. ଅନମୋଲ ମିଶ୍ର କଲିକତା ମେଡ଼ିକାଲ କଲେଜରେ ଜେନେରାଲ ସର୍ଜରୀ ବିଭାଗରେ ସର୍ବୋଚ୍ଚ ମାର୍କ ରଖି ଗୋଲ୍ଡ଼ ମେଡ଼ାଲ୍ ପାଇଥିବା ସୂଚନା ମିଳିଛି । ବଲାଙ୍ଗିର ପାଇଁ ଗର୍ବ ଓ ଗୌରବ ଆଣି ଦେଇଛନ୍ତି ଡ. ଅନ୍‌ମୋଲ ମିଶ୍ର । ବଲାଙ୍ଗିର ସହରର ଟିକ୍ରାପଡ଼ା ନିବାସୀ ଅମୀୟ କୁମାର ମିଶ୍ର ଏବଂ ଶ୍ରୀମତୀ ଜ୍ୟୋତିର୍ମୟୀ ମିଶ୍ରଙ୍କ ସୁପୁତ୍ର ଅନ୍‌ମୋଲ୍‌ଙ୍କ ଏହି ସଫଳତା ଯୋଗୁଁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି । ତେବେ ଡ. ଅନ୍‌ମୋଲ୍ କେବଳ ଜଣେ ସଫଳ ଡାକ୍ତର ନୁହନ୍ତି, ସେ ଜଣେ ବିଶିଷ୍ଟ କଣ୍ଠଶିଳ୍ପୀ ଏବଂ ଚିତ୍ରଶିଳ୍ପୀ ମଧ୍ୟ । ତାଙ୍କ ସାଧନା ଓ କୃତିତ୍ୱ ବଲାଙ୍ଗିର ମାଟି ପାଇଁ ଉଦାହରଣ ପାଲଟିଛି ।

ଅନ୍ୟପକ୍ଷରେ ଜଣେ ସିଦ୍ଧହସ୍ତ ଡାକ୍ତର ଭାବରେ ଆଗାମୀ ଦିନରେ ଜନସାଧାରଣଙ୍କୁ ଉଚିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବେ ବୋଲି ସାଧାରଣରେ ଆଶା ସଂଚାର ହୋଇଛି । ତାଙ୍କ ଉତ୍ତରୋତ୍ତର ଉନ୍ନତି ତଥା ଜନାଭିମୁଖୀ ଚିନ୍ତାଧାରାର ସମୃଦ୍ଧି ପାଇଁ ବଲାଙ୍ଗିରବାସୀ ଆନ୍ତରିକ ସଦିଚ୍ଛା ପ୍ରକାଶ କରିଥିବା କୁହାଯାଇଛି ।



## ଆସନ୍ତା ୨୭ ତାରିଖ ଠାରୁ 'ଇଣ୍ଡିଆ ଟୟେ ଫେୟାର୍-୨୦୨୧' : ଉଦଘାଟନ କରିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ଆସନ୍ତା ୨୭ ତାରିଖ ଠାରୁ ମାର୍ଚ୍ଚ ୨ ତାରିଖ ପର୍ଯ୍ୟନ୍ତ ଭାରତରେ 'ଇଣ୍ଡିଆ ଟୟେ ଫେୟାର୍- ୨୦୨୧' (ଭାରତୀୟ ଖେଳଣା ମେଳା-୨୦୨୧) ଆୟୋଜିତ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଇଣ୍ଡିଆ ଟୟେ ଫେୟାର୍-୨୦୨୧'(ଭାରତୀୟ ଖେଳଣା ମେଳା)କୁ ଶନିବାର ଦିନ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିବେ । ଏକ ଶିଶୁର ମାନସିକ ବିକାଶରେ ଖେଳନା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ପ୍ରଧାନମନ୍ତ୍ରୀ ଗତ ବର୍ଷ ଅଗଷ୍ଟ ମାସରେ ତାଙ୍କର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଏହି ଟୟେ ଫେୟାର୍ ବିଷୟରେ ଉଲ୍ଲେଖ କରିଥିଲେ । ଛୋଟ ଶିଶୁମାନଙ୍କର ସାମୁହିକ ବିକାଶରେ ଖେଳନାର ଭୂମିକା ବିଷୟ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଦେଶରେ ଅଧିକରୁ ଅଧିକ ଖେଳନା ଉତ୍ପାଦନ ପ୍ରତି ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିଭଙ୍ଗୀ ମୁତାବକ ଏହି 'ଟୟେ ଫେୟାର୍'ର ଆୟୋଜନ କରାଯାଉଛି ।

## ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀରେ ପ୍ରବଳ ଜନସମାଗମ




ଭୁବନେଶ୍ୱର, (ନିପ୍ର) : ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ ଇଡ଼୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ହସ୍ତଶିଳ୍ପ ପ୍ରଦର୍ଶନୀରେ ଚତୁର୍ଥ ଦିବସରେ ହସ୍ତଶିଳ୍ପ କ୍ରୟ ପାଇଁ ଲୋକମାନଙ୍କର ଆଗ୍ରହ ବଢ଼ିଥିବା ପରିଲକ୍ଷିତ ହେଉଛି । ଏହି ପ୍ରଦର୍ଶନୀରେ ବିଶେଷ ଭାବରେ ଆୟୋଜିତ ପୁରସ୍କାରପ୍ରାପ୍ତ ହସ୍ତିଶିଳ୍ପ ଗ୍ୟାଲେରୀ ଦର୍ଶକମାନଙ୍କ ଆକର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି । ଜାତୀୟ ଓ ରାଜ୍ୟସ୍ତରରେ ପୁରସ୍କୃତ ହସ୍ତଶିଳ୍ପ କାରିଗରମାନେ ୧୦ଟି ସ୍ୱତନ୍ତ୍ର ଷ୍ଟଲ୍‌ରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ କରିଛନ୍ତି ।

ଏତଦ୍‌ବ୍ୟତୀତ ଓଡ଼ିଶାରୁ ଲୁପ୍ତପ୍ରାୟ ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକ ୧୧ଟି ସ୍ୱତନ୍ତ୍ର ଷ୍ଟଲ୍‌ମାନଙ୍କରେ ସ୍ଥାନ ପାଇଛି । ଏହି ପ୍ରଦର୍ଶନୀରେ ରାଜ୍ୟର ୧୯ଟି ଜିଲ୍ଲାରୁ ହସ୍ତଶିଳ୍ପ ଗାରିଗରମାନେ ଅଂଶଗ୍ରହଣ କରୁଛନ୍ତି ଓ ହସ୍ତଶିଳ୍ପ ଅନ୍ତର୍ଗତ ୨୬ ପ୍ରକାରର ଆକର୍ଷଣୀୟ ସାମଗ୍ରୀ ପଦର୍ଶିତ ତଥା ବିକ୍ରୟ ବ୍ୟବସ୍ଥା କରାଯାଇଛି, ଯାହା ଫଳରେ ଦର୍ଶକମାନଙ୍କର ଆଗ୍ରହ ବୃଦ୍ଧି ପାଇଛି ।

ପ୍ରଦର୍ଶନୀରେ ନଡ଼ାରେ ତିଆରି ବିଭିନ୍ନ ଘର ସଜେଇବା ସାମଗ୍ରୀ, ନଡ଼ାର ଆକର୍ଷଣୀୟ କୃତିକୁ ଫଟୋ ଫ୍ରେମ ମଧ୍ୟରେ ବିଭିନ୍ଦ ଦେବଦେବୀ, ସୁନ୍ଦର ବୃକ୍ଷ, ହାତୀ, ଫୁଲ ଇତ୍ୟାଦି ଷ୍ଟଲ୍‌ରେ ବିକ୍ରୟ ହେଉଛି । ସେହିପରି ପିପିଲି ଚାନ୍ଦୁଆ କାମର ବ୍ୟାଗ, ଘର ସଜେଇବା ଜିନିଷ, ଡୋକ୍ରା କାଷ୍ଟିଂର ଦୀପରୁଖା, ପଶୁପକ୍ଷୀ, କଇଁଛ, ମହମବତୀ ଷ୍ଟାଣ୍ଡ, ଦେବଦେବୀଙ୍କର ମୂର୍ତ୍ତି ଇତ୍ୟାଦି ଖୁବ୍ ମନଲୋଭା ହୋଇଛି । ଫୁଲଦାନୀ, ବେଲଣାପିଢ଼ା, ଅଳଙ୍କାର ବାକ୍ସ, ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଆଦି କାଠଶିଳ୍ପର ବିଭିନ୍ନ ସାମଗ୍ରୀ ସହ ଶିଙ୍ଗ ତିଆରି ପାନିଆ, ବଗ, ପେନ୍‌ଷ୍ଟାଣ୍ଡ, ମହମବତୀ ଷ୍ଟାଣ୍ଡ ଆଦି ଦର୍ଶକମାନଙ୍କୁ ଆକୃଷ୍ଟ କରୁଛି । ଧାନ ଓ ନଡ଼ାରେ ତିଆରି ହସ୍ତିଶିଳ୍ପ ସାମଗ୍ରୀଗୁଡ଼ିକ ବେଶ୍ ଆଦୃତ ହେଉଛି । ଟେରାକୋଟା ଓ କଂସା ବାସନ ସାମଗ୍ରୀଗୁଡ଼ିକ ମଧ ଖୁବ୍ ବିକ୍ରି ହେଉଛି ।

ଏହି ପ୍ରଦର୍ଶନୀରେ ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତ ଶିଳ୍ପ ବିଭାଗ ତରଫରୁ ୨୪ ତାରିଖ ଦିନ ଉଦ୍‌ଘାଟିତ ହୋଇଛି ଓ ଏଥିରେ ୧୧୧ଟି ଷ୍ଟଲ୍ ନିର୍ମାଣ କରାଯାଇଛି । ପ୍ରଦର୍ଶନୀରେ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଉଛି । ସୂଚନା ଅଧିକାରୀ ଡ. ଜ୍ୟୋତିର୍ମତୀ ସାମନ୍ତରାୟ ଏହି ସୂଚନା ପ୍ରଦାନ କରିଛନ୍ତି ।

## ସଂପାଦକୀୟ

# ମଦ ଓ ଆମ ସମାଜ

ମଦଭାଟି ଆଖପାଖରେ ବିଶୃଙ୍ଖଳା ନିହାତି ଥାଏ, ଏହାକୁ କେହି ବି ଅର୍ଥାତ୍ ମଦୁଆ ବି ଅସ୍ୱୀକାର କରି ନପାରେ ବୋଧହୁଏ । କିନ୍ତୁ ତଥାପି ମଦଭାଟି ରୁହେ ଏବଂ ବିଶୃଙ୍ଖଳା ହୁଏ ତଥା ସେହି ବିଶୃଙ୍ଖଳାକୁ ଦମନ କରିବା ପାଇଁ ପ୍ରଶାସନ ପକ୍ଷରୁ ତନାଘନା ହେବାକୁ ବି ପଡ଼େ । ଅବଶ୍ୟ ସରକାର ଯେତେବେଳେ ଭାଟି ଖୋଲିବାକୁ ଲାଇସେନ୍ସ ପ୍ରଦାନ କରୁଛନ୍ତି, ଆମେ ବା କହିବାକୁ କିଏ? ଅବଶ୍ୟ ଏଠାରେ ପ୍ରଶ୍ନ ଉଠିପାରେ, ସେଇ ସରକାର କିଏ? କାହିଁକି ଏବଂ କେଉଁ ବାଟରେ? ଏ ସବୁ ପ୍ରଶ୍ନର ଉତ୍ତର ଖୋଜିଲା ବେଳେ ସାମାଜିକ ମଣିଷ ଚେଇଁ ଉଠିବାକୁ ଇଚ୍ଛା କରେ ଏବଂ କଉଁଠି କେମିତି ନିଜ ରସନାକୁ ଆକଟ କରି ନପାରି କେଇ ପଦ ସତ କଥା କହି ପକାଏ ଓ ପରେ ପରେ କାଁ ଭାଁ ହଇହାଣ ହରକତ୍ ବି ହେଉଥିବା ନଜିର୍ ବି ରହିଛି ଆମ ସମାଜରେ ।

ସେ ଯାହା ବି ହେଉ, ଆମକୁ ମଦଭାଟି ଓ ବିଶୃଙ୍ଖଳା ପଛରେ ଟିକେ ଗୋଡ଼େଇବାକୁ ହେବ । ସମାଜରେ ଶୃଙ୍ଖଳା ଆଣିବାକୁ ହେଲେ, ମଦ ଠାରୁ ସମାଜକୁ ଦୂରେଇ ରଖିବାକୁ ପଡ଼ିବ ନିହାତି । ସ୍ୱାସ୍ଥ୍ୟଗତ କାରଣରୁ ବି ମଦ ମଣିଷ ସମାଜର ଅନେକ ହାନୀ ପହଂଚାଉଛି । କିନ୍ତୁ କିଛି ମୋଟା ରାଜସ୍ୱ ଯୋଗୁଁ ମଦକୁ ଦୂରେଇ ଦିଆଯାଇ ପାରୁନାହିଁ ସମାଜରୁ କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ଏ ଦିଗ ପ୍ରତି ସରକାର ଯଥେଷ୍ଟ ଯତ୍ନବାନ ହେବା ଅବଶ୍ୟ ନିହାତି ଆବଶ୍ୟକ । ଅନେକ ସ୍ଥାନରେ ଆମ ରାଜ୍ୟରେ ଜନବସତି ମଧ୍ୟରେ ଗୁଡ଼ାଏ ମଦ ଭାଟି ଥିବା ବି ଲକ୍ଷ୍ୟ କରାଯାଏ । ପୁଣି ବିଦ୍ୟାଳୟ, କଲେଜର ପାଖରେ ମଦଭାଟି ରହିଥିବା ଭଳି ଦୃଶ୍ୟର ବି ଅଭାବ ନାହିଁ ଅନେକ ସ୍ଥାନରେ । ଏଭଳି ସ୍ଥିତିରେ ସରକାର ଅତ୍ୟନ୍ତ ଯତ୍ନବାନ ହେବାର ଆବଶ୍ୟକତା ରହିଥିବା ବେଳେ ଏହା ଦ୍ୱାରା ସମାଜର କେତେ କ୍ଷତି ସାଧନ ହେଉଛି, ସେ ଦିଗ ପ୍ରତି ସଚେତନ ହେବା ଆବଶ୍ୟକ ।

ସମୟ ସମୟରେ ଗାଁ ଗହଳରେ ମଦ ବିରୋଧୀ ଅଭିଯାନ ବି ଦେଖିବାକୁ ମିଳେ । ବର୍ତ୍ତମାନ ସମୟରେ ମହିଳାମାନଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ଦ୍ୱାରା ବି କେଉଁଠି କେମିତି ମଦ ବିରୋଧୀ ଅଭିଯାନ ଆରମ୍ଭ ହେଉଛି । ଏହା ସ୍ୱାଗତଯୋଗ୍ୟ ନିଶ୍ଚୟ । କିନ୍ତୁ ଏସବୁ ପ୍ରତି ସରକାରଙ୍କ ଆଖି ଖୋଲିବା ଅତ୍ୟନ୍ତ ଆବଶ୍ୟକ ହୋଇ ପଡ଼ିଛି । ଏପରିକି ମଦ ବିହୁନେ ସରକାର ଚଳାଇବା ଭଳି କିଛି ଚିନ୍ତା ବି ସାମ୍ନାରେ ରଖାଯିବା ଆବଶ୍ୟକ । ଆଗାମୀ ପିଢ଼ି ମଦ ଠାରୁ ଦୂରେଇ ରହିଲେ, ସମାଜର ଯଥେଷ୍ଟ ମଙ୍ଗଳ ସାଧନ ହୋଇପାରିବ, ଏଥିରେ ତିଳେମାତ୍ର ସଂଦେହ ନାହିଁ । ମାନବ ସମାଜକୁ ମଦ ମୁକ୍ତ କରିବା ପାଇଁ ଜନସାଧାରଣଙ୍କଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ଚିନ୍ତା କରିବାର ସମୟ ଆସିଛି ।

# କିଡନୀ ରୋଗରେ ଘାଇଲା ୫ ବର୍ଷର ପିଲା, ସହାୟତା ପାଇଁ ପ୍ରଶାସନ ଠାରେ ଗୁହାରି

## ଶୁଣିଲେଣି ବ୍ଲକ ପ୍ରଶାସନ, ନିରାଶ ହୋଇ ଫେରିଲେ ଘରକୁ ପରିବାର ଲୋକେ



ସଇଁତଲା, (ନିପ୍ର) : ବାପା ଓ ମା' ଅନେକ ଖୁସି ହୁଅନ୍ତି ଯେଉଁ ସମୟରେ ଘରେ ପୁଅ ବା ଝିଅଟିଏ ଜନ୍ମ ନେଇଥାଏ । ତେବେ ଯେତେବେଳେ ସେ ବଡ ହୁଏ, ବାପା ମା' ଚିନ୍ତା କରନ୍ତି ଭଲ ପାତ୍ର ଟିଏ ମିଳିଲେ ସେହି ସ୍ଥାନରେ ବାହା କରାଇବେ । ଅନେକ ଆଶା ଓ ଆକାଂକ୍ଷା ନେଇ ଜୀବନରେ ଅର୍ଜିତ ଯେତେ ଧନ ସମ୍ପତ୍ତି ଝିଅ ବାହା ଘରରେ ସାରି ଦିଅନ୍ତି । କିନ୍ତୁ କେତେକ ସ୍ଥଳରେ ଏମିତି ହୁଏ, ସଂସାର ଗଢ଼ିବା ପାଇଁ ପାଦ ବଢ଼େଇଥିବା ଝିଅକୁ ତା' ସ୍ୱାମୀ ହାତ ଛାଡ଼ି ଦିଏ ଓ ଝିଅଟି ଏକା ଏକା ଜୀବନ ବିତାଇଏ ସଂସାରର ଯାବତୀୟ କଷଣକୁ ମୁଣ୍ଡରେ ବୋହି । ତେବେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଉତୁରିପାଲି

# ଆସାମରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦଘାଟନ ଏବଂ ଶିଳାନ୍ୟାସ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ



ଭାରତ ମାତା କୀ- ଜୟ,
ଭାରତ ମାତା କୀ- ଜୟ,
ଭାରତ ମାତା କୀ-ଜୟ ।

ମଂଚରେ ଉପସ୍ଥିତ ଆସାମ ରାଜ୍ୟପାଳ ପ୍ରଫେସର ଜଗଦୀଶ ମୁଖାର୍ଜୀ, ଏଠାକାର ଲୋକପ୍ରିୟ ଯଶସ୍ୱୀ ମୁଖ୍ୟମନ୍ତ୍ରୀ ଶ୍ରୀମାନ ସର୍ବାନନ୍ଦ ସୋନୋୱାଲ ଜୀ, କେନ୍ଦ୍ର ମନ୍ତ୍ରିମଣ୍ଡଳରେ ମୋର ସହଯୋଗୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜୀ, ଶ୍ରୀ ରାମେଶ୍ୱର ତେଲି ଜୀ, ଆସାମ ସରକାରରେ ମନ୍ତ୍ରୀ ଡକ୍ଟର ହିମନ୍ତ ବିଶ୍ୱ ଶରମା ଜୀ, ରାଜ୍ୟ ସରକାରଙ୍କ ଅନ୍ୟ ମନ୍ତ୍ରୀଗଣ, ସାଂସଦଗଣ, ବିଧାୟକଗଣ ଓ ବିଶାଳ ସଂଖ୍ୟାରେ ଏଠାରେ ଉପସ୍ଥିତ ଆସାମର ମୋର ପ୍ରିୟ ଭାଇ ଓ ଭଉଣୀମାନେ, ଏହାର ମୋର ସୌଭାଗ୍ୟ ଯେ ଆଜି ମୋତେ ତୃତୀୟ ଥର ଧେମାଜୀ ଆସିବା ଏବଂ ଆପଣମାନଙ୍କୁ ସମସ୍ତଙ୍କୁ ଦର୍ଶନ କରିବାର ସୌଭାଗ୍ୟ ମିଳିଛି । ପ୍ରତ୍ୟେକ ଥର ଏଠାକାର ଲୋକମାନଙ୍କର ଆତ୍ମୀୟତା, ଆପଣାର ପଣ, ଆଶୀର୍ବାଦ ମୋତେ ଆହୁରି ଅଧିକ ପରିଶ୍ରମର ସହ ଆସାମ, ଉତ୍ତର ପୂର୍ବାଂଚଳ ପାଇଁ କାମ କରିବା ଲାଗି ଅନୁପ୍ରାଣିତ କରିଛି । ଯେତେବେଳେ ମୁଁ ଗୋଗାମୁଖ ଠାରେ ଇଣ୍ଡିଆନ ଏଗ୍ରିକଲଚର ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ଶିଳାନ୍ୟାସ କରିବା ଲାଗି ଆସିଥିଲି, ମୁଁ କହିଥିଲି ଯେ ଉତ୍ତର ପୂର୍ବାଂଚଳ ଭାରତର ଅଭିବୃଦ୍ଧିର ନୂଆ ଇଞ୍ଜିନ ପାଲଟିବ । ଆଜି ଆମେ ଏହି ବିଶ୍ୱାସକୁ ଆମ ଆଖି ସାମ୍ନାରେ ବାସ୍ତବ ରୂପ ନେଉଥିବା ଦେଖିପାରୁଛୁ ।

ଭାଇ ଓ ଭଉଣୀମାନେ,

ବ୍ରହ୍ମପୁତ୍ରର ଏହି ଉତ୍ତର ତଟରୁ, ଆଠ ଦଶନ୍ଧି ପୂର୍ବରୁ ଅହମିୟା ସିନେମା ନିଜର ଯାତ୍ରା, ଜୟମତୀ ଚଳଚ୍ଚିତ୍ରରୁ ଆରମ୍ଭ କରିଥିଲା । ଏହି କ୍ଷେତ୍ର ଆସାମ ସଂସ୍କୃତିର ଗୌରବ ବଢ଼ାଇ ଥିବା ଅନେକ ବ୍ୟକ୍ତିତ୍ୱଙ୍କୁ ଜନ୍ମ ଦେଇଛି । ରୂପକୁଁଅର ଜ୍ୟୋତିପ୍ରସାଦ ଅଗ୍ରୱାଲ, କଳାଗୁରୁ ବିଷ୍ଣୁ ପ୍ରସାଦ ରାଭା, ନଟସୂର୍ଯ୍ୟ ଫଣି ଶରମା, ଏମାନେ ସମସ୍ତେ ଆସାମର ପରିଚୟକୁ ନୂତନ ଉଚ୍ଚତାକୁ ନେଇଯାଇଛନ୍ତି । ଭାରତ ରତ୍ନ ଡ. ଭୂପେନ ହଜାରିକା ଜୀ ଏକଦା ଲେଖିଥିଲେ- ଲୁଇତୁର ପାର ଦୁଟି ଜିଲିକ ଉଠିବ ରାତି, ଜ୍ୱଲି ହତ ଦେବାଲିର ବନ୍ତି । ବ୍ରହ୍ମପୁତ୍ରର ଦୁଇ କୂଳ ଦୀପାବଳିରେ ଜଳୁଥିବା ଦୀପରେ ଆଲୋକିତ ହେବ ଏବଂ କାଲି ମୁଁ ବିଶେଷ କରି ସୋଶାଲ ମିଡିଆରେ ଦେଖିଲି ମଧ୍ୟ, ଆପଣମାନେ ଏହି କ୍ଷେତ୍ରରେ କିଭଳି ଭାବେ ଦୀପାବଳି ପାଳନ କରିଥିଲେ, କିପରି ହଜାର ହଜାର ହଜାର ଦୀପ ଜଳାଇଥିଲେ । ଦୀପାବଳିର ସେହି ଆଲୋକ, ଶାନ୍ତି ଓ ସ୍ଥାୟିତ୍ୱ ମଧ୍ୟରେ ଆସାମରେ ହେଉଥିବା ବିକାଶର ଚିତ୍ରକୁ ମଧ୍ୟ ପ୍ରତିଫଳିତ କରୁଛି । କେନ୍ଦ୍ର ଓ ଆସାମ ସରକାର ମିଶି ରାଜ୍ୟର ସନ୍ତୁଳିତ ବିକାଶରେ ଲିପ୍ତ ରହିଛନ୍ତି । ଆହୁରି ଏହି ବିକାଶର ଏକ ବଡ ଆଧାର ହେଉଛି ଆସାମର ଭିତ୍ତିଭୂମି ।

ସାଥୀଗଣ,

ଉତ୍ତର ତଟରେ ଭରପୂର ସାମର୍ଥ୍ୟ ଥିବା ସତ୍ତ୍ୱେ ପୂର୍ବ ସରକାର ଏହି କ୍ଷେତ୍ର ପ୍ରତି ବୈମାତୃକ ମନୋଭାବ ପୋଷଣ କରି ଆସିଥିଲେ । ଏଠାରେ ସଡକ ଯୋଗାଯୋଗ ହେଉ, ଡାକ୍ତରଖାନା ହେଉ, ଶିକ୍ଷାନୁଷ୍ଠାନ କିମ୍ବା ଶିଳ୍ପ ସଂସ୍ଥା ପ୍ରତିଷ୍ଠା କରିବା ଲାଗି ପୂର୍ବର ସରକାର ପ୍ରାଥମିକତା ଦେଉନଥିଲେ । ସବକା ସାଥ-ସବକା ବିକାଶ ଓ ସବକା ବିଶ୍ୱାସ ଏହି ମନ୍ତ୍ରରେ ଆମ ସରକାର କାମ କରୁଛି । ସର୍ବାନନ୍ଦ ଜୀଙ୍କ ସରକାର ଏହି ଭେଦଭାବକୁ ଦୂର କରିଛନ୍ତି । ଯେଉଁ ବୋଗୀବୀଲ ସେତୁକୁ ଏହି କ୍ଷେତ୍ର ବହୁ ବର୍ଷ ଧରି ଅପେକ୍ଷା କରି ରହିଥିଲା, ସେହି ସେତୁର କାମ ଆମ ସରକାର ଦ୍ରୁତ ଗତିରେ ପୂରଣ କରାଇଥିଲେ । ଉତ୍ତର ତଟରେ ବ୍ରଡ ଗେଜ ରେଳ ଲାଇନ ଆମ ସରକାର ଆସିବା ପରେ ପହଂଚି ପାରିଥିଲା । ବ୍ରହ୍ମପୁତ୍ରରେ ଦ୍ୱିତୀୟ କାଲିଆଭୁମୁରା ସେତୁ ଏଠାକାର ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ଅଧିକ ବଢ଼ାଇ ଦେବ । ଏହାକୁ ମଧ୍ୟ ଦ୍ରୁତ ଗତିରେ ସମ୍ପୂର୍ଣ୍ଣ କରାଯାଉଛି । ଉତ୍ତର ତଟରେ ଚାରି ଲେନ୍ ବିଶିଷ୍ଟ ଜାତୀୟ ରାଜପଥ କାମ ଖୁବ ଦ୍ରୁତ ଗତିରେ ଚାଲୁଛି । ବିଗତ ସପ୍ତାହରେ ହିଁ ମହାବାହୁ ବ୍ରହ୍ମପୁତ୍ର ଠାରୁ ଏଠାକୁ ଜଳମାର୍ଗ ଯୋଗାଯୋଗକୁ ନେଇ ନୂଆ କାର୍ଯ୍ୟ ଆରମ୍ଭ ହୋଇଛି । ବୋଙ୍ଗାଇଗାଁରେ ଜୋଗୀଘୋପାରେ ଏକ ବଡ ଟର୍ମିନାଲ ଏବଂ ଲଜିଷ୍ଟିକ୍ ପାର୍କରେ ମଧ୍ୟ କାମ ହୋଇସାରିଛି ।

ସାଥୀଗଣ,

ଏହି ଅଧ୍ୟାୟରେ ଆଜି ଆସାମକୁ ୩ ହଜାର କୋଟିରୁ ଅଧିକ ଶକ୍ତି ଏବଂ ଶିକ୍ଷା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ନୂତନ ଉପହାର ମିଳିଛି । ଧେମାଜୀ ଓ ସୁଆଲକୁଚିରେ ଇଞ୍ଜିନିୟରିଂ କଲେଜ, ବୋଙ୍ଗାଇଗାଁରେ ବିଶୋଧନାଗାରର ସମ୍ପ୍ରସାରଣ, ଡିବ୍ରୁଗଡ଼ରେ ସେକେଣ୍ଡାରୀ ଟ୍ୟାଙ୍କ ଫାର୍ମ ଏବଂ ତିନସୁକିଆରେ ଗ୍ୟାସ କମ୍ପ୍ରେସର ଷ୍ଟେସନ, ଏସବୁ ପ୍ରକଳ୍ପ ଇନ୍ଧନ ଓ ଶିକ୍ଷା କେନ୍ଦ୍ର ଭାବେ ଏହି କ୍ଷେତ୍ରର ପରିଚୟକୁ ସଶକ୍ତ କରିବ । ଏସବୁ ପ୍ରକଳ୍ପ ଆସାମ ସହିତ ଦ୍ରୁତ ଗତିରେ ସୁଦୃଢ଼ ହେଉଥିବା ଉତ୍ତର ପୂର୍ବ ଭାରତର ଏକ ପ୍ରତୀକ ମଧ୍ୟ ।

ସାଥୀଗଣ,

ଆତ୍ମନିର୍ଭରଶୀଳ ହେବା ଲାଗି ଭାରତ ପାଇଁ ନିରନ୍ତର ନିଜ ସାମର୍ଥ୍ୟ, କ୍ଷମତାରେ ମଧ୍ୟ ବୃଦ୍ଧି କରିବାର ଅଛି, ଏହା ଅତ୍ୟନ୍ତ ଆବଶ୍ୟକ ଅଟେ । ବିଗତ ବର୍ଷଗୁଡ଼ିକରେ, ଭାରତରେ ବିଶୋଧନ ଏବଂ ଜରୁରିକାଳୀନ ସ୍ଥିତି ପାଇଁ ତୈଳ ସଂରକ୍ଷଣ କ୍ଷମତାକୁ ଆମେ ଖୁବ ଅଧିକ ବୃଦ୍ଧି କରିଛୁ । ବୋଙ୍ଗାଇଗାଁ ରିଫାଇନାରୀରେ ମଧ୍ୟ ବିଶୋଧନ କ୍ଷମତା ଯଥେଷ୍ଟ ଅଧିକ ବୃଦ୍ଧି କରାଯାଇଛି । ଆଜି ଯେଉଁ ଗ୍ୟାସ ୟୁନିଟର ଲୋକାର୍ପଣ କରାଯାଇଛି, ତାହା ଏଠାକାର ଏଲପିଜି ଉତ୍ପାଦନ କ୍ଷମତାକୁ ବୃଦ୍ଧି କରିବ । ଏହିସବୁ ପ୍ରକଳ୍ପ ଫଳରେ ଆସାମ ଏବଂ ଉତ୍ତର ପୂର୍ବାଂଚଳରେ ଲୋକମାନଙ୍କର ଜୀବନ ସହଜ ହେବ ଏବଂ ଯୁବକମାନଙ୍କୁ ରୋଜଗାରର ନୂତନ ଅବସର ମିଳିବ ।

ଭାଇ ଓ ଭଉଣୀମାନେ,

ଯେତେବେଳେ କୌଣସି ବ୍ୟକ୍ତିଙ୍କୁ ମୌଳିକ ସୁବିଧା ମିଳିଥାଏ, ତାଙ୍କର ଆତ୍ମବିଶ୍ୱାସ ଖୁବ ଅଧିକ ବୃଦ୍ଧି ପାଇଥାଏ । ଏହି ବୃଦ୍ଧି ପାଉଥିବା ଆତ୍ମବିଶ୍ୱାସ କ୍ଷେତ୍ର ଏବଂ ଦେଶର ବିକାଶ କରିଥାଏ । ଆଜି ଆମ ସରକାର ସୁବିଧା ପହଂଚିନଥିବା କ୍ଷେତ୍ର ଓ ଲୋକମାନଙ୍କ ନିକଟରେ ସୁବିଧା ପହଂଚାଇବା ଦିଗରେ କାର୍ଯ୍ୟ କରୁଛି । ଏବେକାର ବ୍ୟବସ୍ଥାରେ ସେମାନଙ୍କୁ ସୁବିଧା ଦେବା ଲାଗି ଜୋର ଦିଆଯାଉଛି । ଆପଣମାନେ ଚିନ୍ତା କରନ୍ତୁ, ୨୦୧୪ ପୂର୍ବରୁ ଦେଶର ପ୍ରତ୍ୟେକ ୧୦୦ ପରିବାର ମଧ୍ୟରୁ ମାତ୍ର ୫୦-୫୫ ପରିବାର ନିକଟରେ ଅର୍ଥାତ୍ ପାଖାପାଖି ଅଧା ଘରେ ହିଁ କେବଳ ଏଲପିଜି ଗ୍ୟାସ ସଂଯୋଗ ରହିଥିଲା । ଆସାମରେ ବିଶୋଧନାଗାର ଏବଂ ଅନ୍ୟ ସୁବିଧା ଥିଲେ ସୁଦ୍ଧା ୧୦୦ରୁ ମାତ୍ର ୪୦ ଜଣ ଲୋକଙ୍କ ପାଖରେ ଗ୍ୟାସ ସଂଯୋଗ ଉପଲବ୍ଧ ରହିଥିଲା । ୬୦ ଜଣ ଲୋକଙ୍କ ପାଖରେ ନଥିଲା । ଗରିବ ମା'-ଭଉଣୀମାନେ ରୋଷେଇର ଧୂଆଁ ଏବଂ ରୋଗର ଜାଲରେ ରହୁଥିଲେ । ଏହା ସେମାନଙ୍କ ଜୀବନର ବହୁତ ବଡ ବାଧ୍ୟବାଧକତା ଥିଲା । ଆମେ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ଏହି ସ୍ଥିତିକୁ ବଦଳାଇ ଦେଇଛୁ । ଆସାମରେ ଆଜି ଗ୍ୟାସ ସଂଯୋଗର ପ୍ରସାର ପାଖାପାଖି ଶତପ୍ରତିଶତ ହୋଇଯାଇଛି । ଏଠାରେ, ବୋଙ୍ଗାଇଗାଁ ବିଶୋଧନାଗାର ନିକଟବର୍ତ୍ତୀ ଜିଲ୍ଲାରେ ହିଁ ୨୦୧୪ ପରେ ତିନି ଗୁଣାରୁ ଅଧିକ ଏଲପିଜି ସଂଯୋଗ ବୃଦ୍ଧି ପାଇଛି । ଚଳିତ ଥର କେନ୍ଦ୍ରୀୟ ବଜେଟରେ ଏକ କୋଟି ଅଧିକ ଗରିବ ଭଉଣୀମାନଙ୍କୁ ଉଜ୍ଜ୍ୱଳା ଯୋଜନାରେ ମାଗଣା ଏଲପିଜି କନେକ୍ସନ ଦେବାକୁ ବ୍ୟବସ୍ଥା କରାଯାଇଛି ।

ସାଥୀଗଣ,

ଗ୍ୟାସ ସଂଯୋଗ, ବିଦ୍ୟୁତ ସଂଯୋଗ, ସାର ଉତ୍ପାଦନ, ଏସବୁଥିରେ ରହୁଥିବା ଅଭାବର ସବୁଠୁ ଅଧିକ କ୍ଷତି ଆମ ଦେଶର ଗରିବଙ୍କୁ, ଆମ ଦେଶର ଛୋଟ କୃଷକମାନଙ୍କୁ ହିଁ ହୋଇଥାଏ । ସ୍ୱାଧୀନତାର ବହୁ ଦଶନ୍ଧି ପରେ ମଧ୍ୟ ଯେଉଁ ୧୮ ହଜାର ଗ୍ରାମରେ ବିଦ୍ୟୁତ ପହଂଚିନଥିଲା, ସେସବୁ ଗ୍ରାମଗୁଡ଼ିକ ମଧ୍ୟରୁ ଅଧିକାଂଶ ଆସାମ, ଉତ୍ତର ପୂର୍ବାଂଚଳରେ ଥିଲା । ପୂର୍ବ ଭାରତର ଅନେକ ସାର କାରଖାନାକୁ ଗ୍ୟାସ ଅଭାବରୁ ବନ୍ଦ କରି ଦିଆଯାଇଥିଲା କିମ୍ବା ରୁଗ୍ଣ ଘୋଷିତ କରି ଦିଆଯାଇଥିଲା । ଏହାର ଫଳ କିଏ ଭୋଗିଲା? ଏଠାକାର ଗରିବ, ମଧ୍ୟବିତ୍ତ, ଯୁବକମାନଙ୍କୁ ଏହାର ପରିଣାମ ଭୋଗିବାକୁ ପଡ଼ିଥିଲା । ଆମ ସରକାର ପୂର୍ବର ଭୁଲକୁ ସୁଧାରିବା କାମ କରୁଛି । ଆଜି ପ୍ରଧାନମନ୍ତ୍ରୀ ଉର୍ଜ୍ଜା ଗଙ୍ଗା ଯୋଜନା ଅନ୍ତର୍ଗତ ପୂର୍ବ ଭାରତକୁ ବିଶ୍ୱର ସବୁଠୁ ବଡ ଗ୍ୟାସ ପାଇପ ଲାଇନଗୁଡ଼ିକ ମଧ୍ୟରୁ ଗୋଟିଏ ସହିତ ଯୋଡ଼ାଯାଉଛି । ସଠିକ ନୀତି, ସଚ୍ଚୋଟ ଆଭିମୁଖ୍ୟ ରହିଲେ ସ୍ୱଭାବ ଓ ଭାଗ୍ୟ ବଦଳି ଯାଇଥାଏ । ଖରାପ ଆଭିମୁଖ୍ୟ ବଦଳିଯାଇଥାଏ ଏବଂ ସଚ୍ଚୋଟ ଉଦ୍ଦେଶ୍ୟ ନେଇ ଜନସାଧାରଣଙ୍କ ଭାଗ୍ୟ ବଦଳାଇବା କାମ କରି ହୋଇଥାଏ । ଆଜି ଦେଶରେ ଯେଉଁ ଗ୍ୟାସ ପାଇପଲାଇନ ନେଟୱର୍କ ପ୍ରସ୍ତୁତ ହେଉଛି, ଦେଶର ପ୍ରତ୍ୟେକ ଗ୍ରାମ ପର୍ଯ୍ୟନ୍ତ ଅପ୍ଟିକାଲ ଫାଇଭର ବିଛା ଯାଉଛି, ପ୍ରତ୍ୟେକ ଘରେ ଜଳ ପହଂଚାଇବା ଲାଗି ପାଇପ ସଂଯୋଗ କରାଯାଉଛି, ଭାରତ ମାତାର

(ସପ୍ତମ ପୃଷ୍ଠା ଦେଖନ୍ତୁ)

# ସଂଯୁକ୍ତ ଯୁବ ସଂଗଠନ ଦ୍ୱାରା ବରିଷ୍ଠ ନାଗରିକ ମାନଙ୍କର ସମସ୍ୟା ଓ ତା'ର ନିରାକରଣ ଶୀର୍ଷକ ଉପରେ ଏକ କର୍ମଶାଳା




ବରଗଡ, (ସ୍ୱପ୍ର) : ବରଗଡ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସଂଯୁକ୍ତ ଯୁବ ସଂଗଠନ ଦ୍ୱାରା ବରିଷ୍ଠ ନାଗରିକ ମାନଙ୍କର ସମସ୍ୟା ଓ ତା'ର ନିରାକରଣ ଶୀର୍ଷକ ଉପରେ ଏକ କର୍ମଶାଳା ଶାନ୍ତି ତପୋବନ ଆଶ୍ରମ ଚକରକେନ୍ଦ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ସଭା ସମିତିରେ ହେଉଥିବା ଚିରାଚରିତ ପ୍ରଥାରେ ଆୟୋଜନ କରା ନଯାଇ ବରିଷ୍ଠ ନାଗରିକ ମାନଙ୍କ ମଧ୍ୟରେ ଦଳ ଗଠନ କରାଯାଇ ପ୍ରତ୍ୟେକ ଦଳକୁ ସମାଜରେ ବରିଷ୍ଠ ମାନଙ୍କ ସମସ୍ୟା ଭିତ୍ତିକ ଦୁଇଟି ଲେଖାଏଁ ପ୍ରଶ୍ନ ଦିଆଯାଇ ସସମ୍ୟାର ନିରାକରଣ ପାଇଁ ଆଲୋଚନା କରି ସର୍ବ ସମ୍ମୁଖରେ ଉପସ୍ଥାପନ କରିବାକୁ କୁହାଯାଇଥିଲା । ଆସିଥିବା ସବୁ ବର୍ଗର ପ୍ରତିନିଧି ମାନଙ୍କୁ ୬ ଦଳରେ ବିଭକ୍ତ କରାଯାଇଥିଲା । ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ସମାଜିକ, ଅର୍ଥନୈତିକ, ମାନସିକ, ସମସ୍ୟାମାନ କେଉଁଭଳି ଭାବେ ସମାଧାନ କରାଯିବ ତାହା ଆଲୋଚନା ହେବା ସହ ନୈତିକ ଶିକ୍ଷା ଆଧ୍ୟାତ୍ମିକ ଶିକ୍ଷା ସମାଜରେ ବିକଶିତ କରାଯାଇ ଏହିସବୁ ସାମାଜିକ ସମସ୍ୟା ଗୁଡ଼ିକୁ ସମାଧାନ କରାଯାଇ ପାରିବ ବୋଲି ମତ ପ୍ରକାଶ ପାଇଥିଲା ।

କର୍ମଶାଳାରୁ ବାହାରିଥିବା ନିଷ୍କର୍ଷ ଅନୁଯାୟୀ ଅପରାହ୍ନ ଅଧିବେଶନରେ ଆଲୋଚନା ହୋଇ ଗୋଟିଏ ବର୍ଷର କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ଏକ ଅସ୍ଥାୟୀ କାର୍ଯକାରୀ କମିଟି ଗଠନ କରାଯାଇଥିଲା । ଉକ୍ତ କମିଟିରେ ବରଗଡ ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି ଯଥା ମୋହନ ସାହୁ, ଟେକଚାନ୍ଦ ଦୁଆନ, ବିଷ୍ଣୁଚରଣ ଦାଶ, ସୁରେଶ୍ୱରୀ ପଣ୍ଡା, ମଞ୍ଜୁଲତା ଶତପଥୀ, ଦାମୋଦର ସାହୁ, ଜଗନ୍ନାଥ ମହାପାତ୍ର, ନରେନ୍ଦ୍ର ହୋତା, ପ୍ରଦେଶୀ ବାରିକ, କବିତା ରଥ, ପ୍ରକାଶ ଭୋଇ, ଦୁଃଖୀସେବକ ସାହୁ ଆଦି ରହିଛନ୍ତି ।

କର୍ମଶାଳାରେ ଯୋଗଦେଇଥିବା ବିଶିଷ୍ଟ ବ୍ୟକ୍ତି ଅମରେନ୍ଦ୍ର ଯାଦବ, ପ୍ରହଲ୍ଲାଦ ମହାପାତ୍ର, ରବିନ୍ଦ୍ର ପ୍ରଧାନ, ଡାକ୍ତର ଶିଶିର କୁମାର ସାହୁ ଗିରିଜା ଶଙ୍କର ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ପ୍ରଧାନ, ଦାମୋଦର ସାହୁ ଆଦି ଯୋଗ ଦେଇଥିଲେ । ଏହି କର୍ମଶାଳାର ପ୍ରଥମରୁ ସଂଯୁକ୍ତ ଯୁବ ସଂଗଠନର ସମ୍ପାଦକ ଦେବଦତ୍ତ ତ୍ରିପାଠୀ ସ୍ୱାଗତ କରି କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କର୍ମଶାଳାର ଦୁଇ ଅଧିବେସନରେ ବିଷ୍ଣୁଚରଣ ଦାଶ ଓ ପ୍ରଦେଶୀ ବାରିକ ପରିଚାଳନା କରିଥିବା ବେଳେ ସୁଶ୍ରୀ ଲବଙ୍ଗ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ଓ ସଂଗଠନର ସଭାପତି ସୁରେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ମାତୃଛାୟା ଅଧକ୍ଷା, ସେବିକା ନନ୍ଦିନୀ ଗଡତିଆ ଓ ସନ୍ଧ୍ୟା ମିଶ୍ର ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ପେଣ୍ଟିଂ ଓ ହସ୍ତକଳାରେ ପାରଙ୍ଗମ ସୃଷ୍ଟିଲେଖା



ପଦ୍ମପୁର, (ନିପ୍ର) : ବରଗଡ଼ ଜିଲ୍ଲାର ପହଣ୍ଡି ଗ୍ରାମର ସୃଷ୍ଟିଲେଖା ପୁରୋହିତ ହସ୍ତକଳାରେ ତାଙ୍କର ପାରଦର୍ଶିତା ପ୍ରତିପାଦନ କରିବା କ୍ଷେତ୍ରରେ ଆଗେଇ ଚାଲିଛନ୍ତି । ଚମତ୍କାର ହସ୍ତ କଳାରେ ନିପୁଣା ସୃଷ୍ଟିଲେଖା ପିଲା ଦିନରୁ ହସ୍ତ ଶିଳ୍ପ ପ୍ରତି ବେଶ୍ ଆଗ୍ରହୀ ଥିଲେ । ତାଙ୍କର ସୁନ୍ଦର କଳାର ଯାଦୁଗରୀ ଯୋଗୁଁ ସେ ଆଖପାଖ ଅଂଚଳରେ ବେଶ୍ ସୁନାମ ଅର୍ଜନ କରିଛନ୍ତି । ସେ ପେଣ୍ଟିଂ କଳାରେ ଯେଭଳି ସିଦ୍ଧହସ୍ତା, ସେଭଳି ୱେଷ୍ଟ ମେଟେରିଆଲ୍‌ରେ ସୁଦୃଶ୍ୟ ହସ୍ତ ଶିଳ୍ପ ପ୍ରସ୍ତୁତରେ ନିପୁଣା । କ୍ରାଫ୍ଟ ଜଗତରେ ମଧ୍ୟ ତାଙ୍କ ଅନ୍ତର୍ନିହିତ କଳାର ଚମତ୍କାରିତା ପ୍ରସ୍ଫୁଟିତ ହୋଇପାରିଛି । ଥର୍ମୋକୁଲ, ପେପର୍ ଚୁମ୍‌କି, ପୋଷ୍ଟର୍ କଲର୍ ତଥା ଆକ୍ରାଇଲିକ୍ କଲର୍ ଆଦିରେ ନିଜର ପ୍ରତିଭାକୁ ଉଜ୍ଜୀବିତ କରି ପାରିଛନ୍ତି ସୃଷ୍ଟିଲେଖା । ଫର୍ମାସୀରେ ଅଧ୍ୟୟନ କରୁଥିବା ସୃଷ୍ଟିଲେଖାଙ୍କ ବାପା ହେଉଛନ୍ତି ସରୋଜ କୁମାର ପୁରୋହିତ ଏବଂ ମା' ହେଉଛନ୍ତି ଶୈବାଳିନୀ ପୁରୋହିତ । ତେବେ ସୃଷ୍ଟିଲେଖାଙ୍କ କଳାର ବିକାଶ ପାଇଁ ଉଭୟ ମା'ବାପା ଏବଂ ପରିବାରବର୍ଗ ବିଶେଷ ଉତ୍ସାହ ଓ ସହଯୋଗ ପ୍ରଦାନ କରନ୍ତି ବୋଲି ସୃଷ୍ଟିଲେଖା କୁହନ୍ତି ।



## ଦେଓଗାଁରେ ସ୍ୱଚ୍ଛ ଭାରତର ଅସ୍ୱଚ୍ଛ ଚିତ୍ର : ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

### ମୁଖ୍ୟ ଛକ, ଶିବ ମନ୍ଦିର ରାସ୍ତା ପାଲଟିଛି ଆବର୍ଜନା କୁଣ୍ଡ, ଅଣଦେଖା କରୁଛି ପଂଚାୟତ ପ୍ରଶାସନ: ଅସନ୍ତୋଷ ଗ୍ରାମବାସୀ



ଦେଓଗାଁ, (ନିପ୍ର) : ବରଗଡ଼-ବୋରିଗୁମ୍ମା ଜାତୀୟ ରାଜପଥରେ ଥିବା ଦେଓଗାଁ ମୁଖ୍ୟ ଛକ୍ ମାନଙ୍କରେ ପଲିଥିନ ଓ ପ୍ଲାଷ୍ଟିକ ଟିଫିନ୍ ପ୍ଲେଟ୍ ପଡିଥିବା ନେଇ ସ୍ୱଚ୍ଛ ଭାରତ ଅଭିଯାନର ଦେଓଗାଁରେ ଅସ୍ୱଚ୍ଛ ଚିତ୍ର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଅଂଚଳର ଠେଲା ଦୋକାନୀମାନେ ଚାଟ୍, ଭୁଜା ବିକ୍ରି କରୁଥିବା ପ୍ଲାଷ୍ଟିକ ପ୍ଲେଟ୍ ଗୁଡ଼ିକ ଆଣି ରାସ୍ତା କଡ଼ରେ ପକାଇ ଦେଉଛନ୍ତି । ସେହି ପ୍ଲାଷ୍ଟିକ ପ୍ଲେଟ୍‌କୁ ଜଳାଇ ଦେଲେ ପରିବେଶରେ ବାୟୁ ପ୍ରଦୂଷଣ ହେବ ବୋଲି ସେଠାରେ ପକାଇ ଛାଡି ଦେଉଥିବାରୁ ସେହି ପ୍ଲେଟ୍ ଗୁଡ଼ିକୁ ଗାଈଗୋରୁ ଖାଉଥିବା ମଧ୍ୟ ଦେଖିବାକୁ ମିଳିଛି । ଦେଓଗାଁ ବସ୍ତି ମଧ୍ୟରେ ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡି ରହିଥିବାରୁ ଏଠି କାଗଜ କଲମରେ ଚାଲୁଛି ସରକାରୀ ଯୋଜନା ସ୍ୱଚ୍ଛ ଭାରତ ଓ ପଲିଥିନ୍ ମୁକ୍ତ ଅଭିଯାନ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ମଧ୍ୟରୁ ସ୍ୱଚ୍ଛ ଭାରତ ଯୋଜନା ଅନ୍ୟତମ ।

ଗାଁରୁ ଆରମ୍ଭ କରି ସହର ପରେ ନଗରରେ ସଫା ସୁତୁରା ରଖିଲେ ସମଗ୍ର ରାଷ୍ଟ୍ର ସ୍ୱଚ୍ଛ ହେବା ନେଇ ଆରମ୍ଭ ହୋଇଥିଲା ସ୍ୱଚ୍ଛ ଭାରତ ଅଭିଯାନ । ଯଦି ଏହି ଅଭିଯାନଟି ଗ୍ରାମାଂଚଳରେ ସଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁନାହିଁ, ତାହା ହେଲେ ସହର ଓ ନଗର ପରେ ସମଗ୍ର ଦେଶରେ କିଭଳି ଭାବେ କାର୍ଯ୍ୟକାରୀ ହେଉଥିବା ତାହା ସହଜେ ଅନୁମେୟ । କିଛି ବର୍ଷ ପୂର୍ବରୁ ଦେଓଗାଁ ବସ୍ତିରେ ସବୁପଡାର ଛକ ମାନଙ୍କରେ ଗୋଟେ ଗୋଟେ ଆବର୍ଜନା କୁଣ୍ଡ ଦିଆଯାଇଥିଲା ପଂଚାୟତ ପକ୍ଷରୁ । ହେଲେ ସେହି ପ୍ଲାଷ୍ଟିକ ଆବର୍ଜନା କୁଣ୍ଡପୂର୍ଣ୍ଣ ହେବା ପରେ ଆଉ ସେହି ଆବର୍ଜନାକୁ ବାହାରକୁ ନେଇ ନ ପକାଇବା ସହ ସେହି ପରି ଭାବେ ପଡିରହିଲା ଛକ ମାନଙ୍କରେ ଆବର୍ଜନା କୁଣ୍ଡ । ପଡାଗୁଡିକରେ ଡ୍ରେନରୁ ଅଳିଆ ଫିଙ୍ଗା ହେଉଥିଲେ ବି ତାହା ବର୍ଷକୁ ଥରେ ହେଲେ ବେଶୀ ହେଉଥିବ । କିନ୍ତୁ କାଗଜ କଲମରେ ବର୍ଷକୁ କେତେ ଥର ଅଳିଆ ଫିଙ୍ଗା ଯାଉଛି, ତାହା ସାଧାରଣରେ ପ୍ରଶ୍ନବାଚୀ ହେଉଛି । ସ୍ଥାନୀୟ ଶିବ ମନ୍ଦିର ଏବଂ ଯୋଗୀସାଗରକୁ ଯିବା ବାଟ ଏବେ ଆବର୍ଜନା କୁଣ୍ଡ ପରି ବ୍ୟବହାର କରାଯାଉଛି । ଏଠାରେ ପଲିଥିନ୍ ସହ ଅଖାବସ୍ତା ଓ ବିଭିନ୍ନ ପ୍ରକାରର ଅଳିଆ ପଡିରହିଛି । ଏହାଫଳରେ ଲୋକମାନେ ଶିବ ମନ୍ଦିରକୁ ପୂଜାର୍ଚ୍ଚନା କରିବାକୁ ଗଲେ ଦୁର୍ଗନ୍ଧ ହେଉଥିବା ଅଭିଯୋଗ ହେଉଛି । ଦେଓଗାଁ, କଛାରପାଲି ଗାଁ ମୁଣ୍ଡରେ ସ୍ୱଳ୍ପ ବର୍ଷାରେ ଏପରି ଭାବେ ନାଳ ନର୍ଦ୍ଦମାର ମଇଳା ପାଣି ବହିଥାଏ ରାସ୍ତାରେ କେହି ଜଣେ ଚାଲି ଚାଲି ଯାଇ ପାରିବନାହିଁ । କଛାରପାଲି ପ୍ରକଳ୍ପ ନୋଡାଲ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରର କଡ଼ରେ ଅଳିଆ ଆବର୍ଜନା ପଡି ରହିଥିବାରୁ ଅଧ୍ୟୟନ କରୁଥିବା ଶିଶୁଙ୍କ ଅଭିଭାବକମାନେ ଦୁର୍ଗନ୍ଧ ହେଉଥିବା ଅଭିଯୋଗ କରୁଛନ୍ତି ।

ଦେଓଗାଁ ବସ୍ତି ଭିତରେ ଡ୍ରେନ ବ୍ୟବସ୍ଥା ଥିଲେ ମଧ ଏହି ନାଳ ମାନଙ୍କରେ ମଇଳା, ଅଳିଆ ରହି ଜାମ୍ ହୋଇ ଯାଇଥିବାରୁ ଘରୁ ବାହାରୁଥିବା ମଇଳା ପାଣି ଓ ଅଳିଆ ରାସ୍ତା ଉପରେ ବହି ଯାଉଛି । ଦେଓଗାଁ କଛାରପାଲିର ସାହୁପଡ଼ାରୁ କ୍ଳବ୍ ଛକକୁ ଥିବା ଡ୍ରେନ ବ୍ୟବସ୍ଥା ଥିବା ସତ୍ତ୍ୱେ ରାସ୍ତାରୁ ଅଳିଆ ପାଣି ଯାଇ ଜାତୀୟ ରାଜପଥକୁ ପହଂଚୁଛି ଏବଂ ରାସ୍ତା ଉପରେ ବହୁଥିବାରୁ ଅଂଚଳବାସୀ ଅଭିଯୋଗ କରୁଛନ୍ତି ।

# ମାହେଶ୍ୱରୀ ପରିବାରର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବଲାଙ୍ଗିର,(ନିପ୍ର): ମହାଶ୍ୱରୀ ସଂଗଠନର ଚତୁର୍ଥ ବାର୍ଷିକ ଉତ୍ସବ ସ୍ଥାନୀୟ ଆଇନ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍ଥାନୀୟ ଉପ-ଜିଲ୍ଲାପାଳ ମୁଖ୍ୟ ଅତିଥି ଏବଂ ମନୋରଞ୍ଜନ ଯୋଷୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ । ସଂଗଠନର ଉପଦେଷ୍ଟା ଲୋଟସ ଷଡଙ୍ଗୀ, ଦିନେଶ ଶର୍ମା, ବ୍ୟାସଦେବ ନନ୍ଦ ଏବଂ ଡକ୍ଟର ଲଳିତ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସମ୍ମାନିତ ଅତିଥି ରୂପେ ଡ.ଘାସିରାମ ମିଶ୍ର ଏବଂ ଜୟନ୍ତ ସିଂହଦେଓ ଯୋଗ ଦେଇଥିଲେ । ସଂଗଠନର ମୁଖ୍ୟ ପରିଚାଳକ ଅଙ୍କୁଶ କୁମାର ପାଣ୍ଡିଆ ଏବଂ ସଭାପତି ଶୋଭନ ଅଗ୍ରୱାଲ ଉପସ୍ଥିତ ରହି ସଭାକୁ ଆରମ୍ଭ କରିଥିଲେ ।

କାର୍ଯ୍ୟକ୍ରମରେ ଆଦିତ୍ୟ ପଟ୍ଟନାୟକଙ୍କୁ ତାଙ୍କ ସେବା ମନୋଭାବକୁ ପାଇଁ ଲଳିତ ସମ୍ମାନ ଦିଆଯାଇଥିଲା । କରୋନା ଯୋଦ୍ଧା ହିସାବରେ ଡିସିଡିଏ (ଡ୍ରଗିଷ୍ଟ ଏସୋସିଏସନ) ମନୀଷ ମିଶ୍ର, ଧର୍ମେନ୍ଦ୍ର କୁମାର (ହାଟପଦାପଡା ଶବଦାୟ କର୍ମୀ), ସ୍ୱର୍ଗତ ସରୋଜ ଜେନାଙ୍କ ତରଫରୁ ତାଙ୍କ ପତ୍ନି କାଂଚନମୟୀ ଜେନାଙ୍କୁ ସମ୍ମାନିତ କରାଯାଇଥିଲା ।

ସ୍ୱର୍ଗତ ଲଳିତ ନାୟକ ଓ ଚିତ୍ତରଂଜନ ପ୍ରଧାନଙ୍କ ସ୍ମୃତିରେ ଏକ ଭଜନ ସନ୍ଧ୍ୟାରେ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଗୁରୁଶ୍ରୀ ଧନେଶ୍ୱର ଦାସ, ରାମେଶ୍ୱର ଦାସ, ଭୁବନେଶ୍ୱର ଦାସ ଏବଂ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଦଳର ଅନ୍ୟାନ୍ୟ କଳାକାର ମାନେ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ କୁଡାସିଂହା, ଲୋଇସିଂହା, ଆଗଲପୁର ସଂଗଠନର ବହୁ କର୍ମକର୍ତ୍ତା ଯୋଗଦାନ କରିଥିଲେ ।

# ଧାନକିଣା ସମସ୍ୟାକୁ ନେଇ ରାଜ୍ୟପାଳଙ୍କୁ ଭେଟିଲେ ଜିଲ୍ଲା କିଶାନ କଂଗ୍ରେସ ସଭାପତି



ବଲାଙ୍ଗିର,(ନିପ୍ର): ଜିଲ୍ଲା କଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ର ଜିଲ୍ଲାରେ ଚାଲିଥିବା ଧାନକିଣା ସମସ୍ୟା ତଥା ଧାନକିଣା ଦୁର୍ନୀତିକୁ ନେଇ ମହାମହିମ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟିଛନ୍ତି । ବିଶେଷ କରି ଟୋକନ ସମସ୍ୟା, ଧାନର ଅଭାବି ବିକ୍ରି, କ୍ୱିଣ୍ଟାଲ ପିଛା ୧୦ କେଜି ଲେଖାଏଁ କଟନି ଛଟନି ଏବଂ ଧାନ କିଣାରେ ବହୁ କୋଟି ଟଙ୍କା ଦୁର୍ନୀତିକୁ ନେଇ ମହାମହିମ ରାଜ୍ୟପାଳଙ୍କ ସମ୍ମୁଖରେ ଶ୍ରୀ ମିଶ୍ର ଅଭିଯୋଗ କରିଛନ୍ତି । ଜିଲ୍ଲାରେ ଏ ବର୍ଷ ଚାଷୀଙ୍କର ଭଲ ଅମଳ ହୋଇଛି । କିନ୍ତୁ ଏକର ପିଛା ମାତ୍ର ୧୩ କ୍ୱିଂଟାଲ ଲେଖାଏଁ ଧାନ କିଣିବା ପାଇଁ ସରକାରଙ୍କ ଭୁଲ ନିଷ୍ପତ୍ତି ଫଳରେ ହଜାର ହଜାର କ୍ୱିଂଟାଲ ଧାନ ଚାଷୀଙ୍କ ପାଖରେ ପଡିରହିଛି । ଆହୁରି ମଧ୍ୟ ଟାର୍ଗେଟ ଅନୁଯାୟୀ ଟୋକନ ପ୍ରଦାନ ରେ ଅସାମଞ୍ଜସ୍ୟତା ଯୋଗୁଁ ଚାଷୀ ଅନେକ ହଇରାଣ ହେଉଛି । ମିଲର ପ୍ରଶାସନ ଓ ସରକାରଙ୍କ ଅସାଧୁ ମେଂଟ ଯୋଗୁଁ ଚାଷୀ ତାର କଷ୍ଟ ଉପାର୍ଜିତ ଅମଳର ପ୍ରକୃତ ମୂଲ୍ୟ ପାଇ ପାରୁନାହିଁ । ତେଣୁ ଜିଲ୍ଲା କିଷାନ କିଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ର ଜିଲ୍ଲାରେ ମଣ୍ଡିରେ ପଡିଥିବା ସମସ୍ତ ଧାନ, ଚାଷୀଙ୍କ ପାଖରେ ଥିବା ବଳକା ଧାନ, କଟନି, ଛଟନିକୁ ବନ୍ଦ କରିବା, ପ୍ରତି ଅଖାର ମୁଲ୍ୟ ଓ ପରିବହନ ଖର୍ଚ୍ଚ ଚାଷୀଙ୍କୁ ପ୍ରଦାନ କରିବା, ଧାରା ୧୩ ଏଫ୍‌ସିଆଇ ଏକ୍ଟ ଅନୁଯାୟୀ ଚାଷୀଙ୍କ ଧାନ ସିଧାସଳଖ ଏଫ୍‌ସିଆଇ କିଣିବା, ଜିଲ୍ଲା ସଂଗ୍ରହ କମିଟିକୁ ପୁନଃ କାର୍ଯ୍ୟକ୍ଷମ କରିବା ତଥା ଛତିଶଗଡ ସରକାରଙ୍କ ଭଳି ଓଡିଶା ସରକାର ମଧ ଚାଷୀଙ୍କୁ ୫୦୦ ଟଙ୍କାର ବୋନସ ପ୍ରଦାନ କରିବା ଦାବିରେ ଏକ ଦାବି ପତ୍ର ମଧ ପ୍ରଦାନ କରିଛନ୍ତି । ଏହି ଆଲୋଚନା ତଥା ଦାବି ପ୍ରଦାନ ସମୟରେ ସାନନ୍ଦ ମିଶ୍ରଙ୍କ ବ୍ୟତୀତ ରାଜ୍ୟ କିଷାନ ସେଲ ସଭାପତି ଅମିୟ କୁମାର ପଟ୍ଟନାୟକ, ସରୋଜ ପଧାନ, ସରୋଜ ରଥ, ବିଶ୍ୱଜିତ ନାଥ, ଛାତ୍ର ସଭାପତି ଅଙ୍କିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରତ ବନ୍ଦ ଡାକରାକୁ ବଲାଙ୍ଗିରରେ ଅଭୁତପୁର୍ବ ସମର୍ଥନ : ବନ୍ଦ ଶାନ୍ତିପୂର୍ଣ୍ଣ





ବଲାଙ୍ଗିର, (ନିପ୍ର) : ଦ୍ରବ୍ୟ ଓ ସେବା କର (ଜିଏସ୍ ଟି)ର ସମୀକ୍ଷା ଓ ସରଳିକରଣ ଦାବୀରେ କନଫିଡେରେସନ ଅଫ ଅଲ ଇଣ୍ଡିଆ ଟ୍ରେଡର୍ସ (କେଟ)ର ଭାରତ ବ୍ୟାପାର ବନ୍ଦ ଡାକରାକୁ ବଲାଙ୍ଗିରରେ ଅଭୁତପୂର୍ବ ସମର୍ଥନ ଦେଖିବାକୁ ମିଳିଛି । ସହରରରେ ସମସ୍ତ ଦୋକାନ, ବଜାର,ଗାଡି ମଟର ବନ୍ଦ ଥିବା ବେଳେ ବନ୍ଦ ସଂପୁର୍ଣ୍ଣ ଶାନ୍ତିପୁର୍ଣ୍ଣ ରହିଛି । ଜିଏସଟି ର ବର୍ତ୍ତମାନ ସ୍ୱରୂପ, ଇ କମର୍ସରେ ଆମାଜନ ଭଳି ବିଦେଶୀ କମ୍ପାନୀ ମାନଙ୍କ ବଢୁଥିବା ପ୍ରଭାବ ଓ ଡିଜେଲ ଦର ବୃଦ୍ଧି ବିରୁଦ୍ଧରେ କେଟ୍ ଓ ଏଆଇଟିଡବ୍ଲୁଏ ର ସର୍ବଭାରତୀୟ ବ୍ୟାପାର ବନ୍ଦ ଓ ଚକ୍କାଜାମ ନିଷ୍ପତ୍ତି କ୍ରମେ ବଲାଙ୍ଗିର ବଣିକ ସଂଘ ବଲାଙ୍ଗିର ବନ୍ଦର ଡାକରା ଦେଇଥିଲା । ବଣିକ ସଂଘର ଏହି ଡାକରାକୁ ଟ୍ରକ ମାଲିକ ସଂଘ ପୂର୍ବରୁ ସମର୍ଥନ କରିଥିବା ବେଳେ ଘରୋଇ ବସ ମାଲିକ ସଂଘ ସମର୍ଥନ ଘୋଷଣା କରିଥିଲା । ସେହି କ୍ରମରେ ଆଜି ସହରରରେ ଦୋକନ ବଜାର ବନ୍ଦ ରହିବା ସହିତ ଗାଡି ମଟର ଚାଳାଚଳ ମଧ୍ୟ ବନ୍ଦ ରହିଥିଲା । ଏହି ଅବସରରେ ବଣିକ ସଂଘ ସଭାପତି ତ୍ରିପୁରାରୀ ପଣୀଗ୍ରାହୀଙ୍କ ନେତୃତ୍ୱରେ ଏକ ଦଳ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ସମ୍ମିଳିତ ଏକ ଦାବୀପତ୍ର ବଲାଙ୍ଗିର ଜିଲ୍ଲାପାଳ ଚଂଚଳ ରାଣାଙ୍କୁ ପ୍ରଦାନ କରିଥିଲା । ଏହି ଦାବୀ ପତ୍ରରେ ଜିଏସଟିକୁ ଆହୁରି ସରଳ କରିବା ପାଇଁ ପ୍ରତି ଜିଲ୍ଲାରେ ଜିଏସଟି କମିଟି, ନେସନାଲ ଆଡଭାନ୍ସ ରୁଲିଙ୍ଗ ଅଥରିଟି ଓ ଏପିଲେଟ ଟ୍ରିବୁନାଲ ଗଠନ ସହିତ ବ୍ୟବସାୟୀମାନଙ୍କୁ ତଦନ୍ତକାରୀ ସଂସ୍ଥା ମାନଙ୍କ ଦ୍ୱାରା କରାଯାଉଥିବା ଉତ୍ପୀଡନର ତଦନ୍ତ କରାଯିବା ଭଳି ଦାବୀ ରହିଛି । ଆଜିର ଏହି କାର୍ଯ୍ୟକ୍ରମରେ ବଣିକ ସଂଘ ତରଫରୁ ସଂପାଦକ ବଲରାମ ଅଗ୍ରୱାଲ, ପ୍ରେମ ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ସଂଜୟ ଚୌଧୁରୀ, ବାବୁଲାଲ କେଡିଆ, ମିଥୁନ ପଟ୍ଟନାୟକ ଓ ରିଙ୍କୁ ପାତ୍ର ପ୍ରମୁଖ ସାମିଲ ଥିଲେ । ପ୍ରକାଶ ଯୋଗ୍ୟ ଯେ, ଗୋଟିଏ ଦେଶକୁ ଗୋଟିଏ ଟ୍ୟାକ୍ସର ନାରା ଦେଇ ମୋଦୀ ସରକାର ଗତ ୧ ଜୁଲାଇ ୨୦୧୭ରେ ଏହି ବିଲ ଆଣିଥିଲେ । ବିଲ ମଞ୍ଜୁର ହେବା ପରେ ଏହି ଦେଶବ୍ୟାପୀ ଟ୍ୟାକ୍ସ ସାରା ଦେଶକୁ ଏକ ସୂତ୍ରରେ ଯୋଡିବା ସହ ଉଭୟ ବ୍ୟାପାରୀ ଓ ଉପଭୋକ୍ତାଙ୍କ ନେଣ ଦେଣକୁ ଆହୁରି ସରଳ କରିବ ବୋଲି ସାରା ଦେଶ ଉତ୍ସବ ମୁଖରିତ ହୋଇ ପଡିଥିଲା । ସରକାର ଏହି ଜିଏସଟି ଟ୍ୟାକ୍ସକୁ ଗୁଡ୍ ଏଣ୍ଡ ସିମ୍ପଲ ଟ୍ୟାକ୍ସ କହୁଥିଲେ । କିନ୍ତୁ ଏହି ଜିଏସଟି ଏବେ ବ୍ୟାପାରୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି । ଜିଏସଟିର ସରଳତା ନା ବ୍ୟାପରୀକୁ ବୁଝା ପଡୁଛି ନା ଗ୍ରାହକଙ୍କୁ । ଏପରିକି ଜିଏସଟି ତଦନ୍ତକାରୀ ସଂସ୍ଥା ଓ ଖୋଦ ଟ୍ୟାକ୍ସ ଜାରି କରିଥିବା ସରକାର ଏହାକୁ ସଂପୁର୍ଣ୍ଣ ରୂପେ ବୁଝି ପାରୁ ନଥିବା ମନେ ହେଉଛି । ଦେଶ ଉପରେ ଜିଏସଟି ଲାଗୁ ହେବାକୁ ଚାରି ବର୍ଷ ଭିତରେ ଜିଏସଟି ନିୟମକୁ ୯୩୭ ଥର ସଂଶୋଧନ କରା ଯାଇଛି । ଫଳରେ ଏହି ଟ୍ୟାକ୍ସ ବ୍ୟବସ୍ଥା ଧୀରେ ଧୀରେ ବ୍ୟାପରୀଙ୍କ ପାଇଁ କାଳ ପାଲଟିଛି । ସରକାରୀ ତଦନ୍ତକାରୀ ସଂସ୍ଥା ଓ ବାବୁମାନେ ଏହାର ଫାଇଦା ଉଠାଇ ଅକାରଣେ ବ୍ୟାପାରୀଙ୍କୁ ହଇରାଣ କରୁଛନ୍ତି । ଆହୁରି ସରକାରୀ ଇ କମର୍ସ ପଲିସିରେ ଆମାଜନ ଭଳି ବିଦେଶୀ କମ୍ପାନୀ ଭାରତୀୟ ବଜାର ଉପରେ ବେଶ ପ୍ରଭାବ ବିସ୍ତାର କରିଛି । ଯଦ୍ୱାରା ଭାରତୀୟ ବ୍ୟାପାରିମାନେ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି କେଟ୍‌ର ସାଧାରଣ ସଂପାଦକ ପ୍ରବୀଣ ଖଣ୍ଡେଲବାଲ କହିବା ସହ ଏହାର ବିରୋଧରେ ୨୬ ଫେବୃଆରୀ ଭାରତ ବ୍ୟାପାର ବନ୍ଦର ଡାକରା ଦେଇଥିଲେ । ଡିଜେଲ ଦର ବୃଦ୍ଧି ପ୍ରତିବାଦରେ ଅଲ ଇଣ୍ଡିଆ ଟ୍ରାନ୍ସପୋର୍ଟ ୱେଲଫେଆର ଏସୋସିଏସନ ଏହାକୁ ସମର୍ଥନ କରିଥିଲା । ଏହି ଡାକରାକୁ ଦେଶ ସାରା ପ୍ରାୟ ୪୦ ହଜାର ବଣିକ ସଂଘ ଓ ୯ କୋଟି ବ୍ୟାପାରୀ ସମର୍ଥନ କରିଥିବା କୁହା ଯାଉଥିବା ବେଳେ ସାରା ଦେଶରେ ବନ୍ଦ ପାଳନ କରାଯାଇଥିବା ସୂଚନା ରହିଛି ।

# ବିଜେପି ନେତାଙ୍କ ଗାଡି ଧରି ଫାଇନ ଆଦାୟ କଲେ ତହସିଲଦାର



ତୁଷୁରା, (ନିପ୍ର) : ବଲାଙ୍ଗିର ଜିଲ୍ଲାର ତୁଷୁରା ତହସିଲ କାର୍ଯ୍ୟାଳୟ ପକ୍ଷରୁ ଶନିବାର ଗୁଡଭେଲା ଓ ତୁଷୁରା ଏନଏସି ଅଂଚଳର ବିଭିନ୍ନ ସ୍ଥାନ ଚଡାଉ କରି ୫୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ତୁଷୁରା ତହସିଲଦାର ଚନ୍ଦ୍ରମଣି ନାଗ ପ୍ରକାଶ କରିଛନ୍ତି । ବେଆଇନ୍ ଭାବେ ଖର୍ଡା ନଦୀରୁ ଟ୍ରାକ୍ଟରରେ ବାଲି ଉଠାଥିବା ସ୍ଥାନୀୟ ବିଜେପି ନେତା ତଥା ତୁଷୁରା ଏନଏସିର ପୂର୍ବତନ କାଉନସିଲ ପ୍ରଦୀପ ସାହୁଙ୍କୁ ମଧ ଜୋରିମାନା କରାଯାଇଛି । ସେହିପରି ଚିପ୍ସ ନେଇଥିବା ହାଇୱା ନମ୍ବର ଓଡି ୦୩ପି ୫୧୯୬ ଓ ବାଲି ନେଇ ଯାଉଥିବା ଟ୍ରାକ୍‌ଟର ନମ୍ବର ଓଡି ୦୩ପି ୬୧୬୫ ଓ ଆଉ ଏକ ନମ୍ବର ବିହୀନ ଟ୍ରାକ୍ଟର ଦେଖି ତୁଷୁରା ତହସିଲଦାର ଅଟକାଇଥିଲେ । ଉକ୍ତ ସାମଗ୍ରୀର ସଠିକ କାଗଜପତ୍ର ନଥିବାରୁ ଉକ୍ତ ଗାଡିକୁ ଜୋରିମାନା ଆଦାୟ କରାଯାଇଥିଲା ।

ମୋଟ ୫୫ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଶ୍ରୀ ନାଗ ପ୍ରକାଶ କରିଛନ୍ତି ।

# କୃଷ୍ଣଚନ୍ଦ୍ର ସାହୁ ଅଖିଳ ଭାରତ ଅଣସଂଗଠିତ ଶ୍ରମିକ କଂଗ୍ରେସର ନିର୍ମାଣ କ୍ଷେତ୍ର ରାଜ୍ୟ ସଂଯୋଜକ ଭାବେ ମନୋନୀତ



ସଇଁନ୍ତଲା, (ନିପ୍ର) : ଅଖିଳ ଭାତର କଂଗ୍ରେସ କମିଟିର ଅନୁମୋଦନ କ୍ରମେ ଅଣ ସଂଗଠିତ ଶ୍ରମିକ କଂଗ୍ରେସର ନିର୍ମାଣ କ୍ଷେତ୍ର ରାଜ୍ୟ ସଂଯୋଜକ ଭାବେ ଆଇଏନଟିୟୁସିର ବିଲାଙ୍ଗିର ଜିଲ୍ଲା ସଭାପତି କୃଷ୍ଣ ଚନ୍ଦ୍ର ସାହୁଙ୍କୁ ଅଖିଳ ଭାରତ ଅଣସଂଗଠିତ ଶ୍ରମିକ କଂଗ୍ରେସର ଜାତୀୟ ସଭାପତି ଅରବିନ୍ଦ ସିଂ ଓ ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତି ନିଯୁକ୍ତ ପ୍ରଦାନ କରିଛନ୍ତି । ଏଥି ସହିତ ଅଣ ସଂଗଠିତ ସ୍ତରକୁ ତୃଣମୂଳ ସ୍ତରରେ ଦୃଢ ଭାବେ ଗଢ଼ି ତୋଳିବା ପାଇଁ ବଲାଙ୍ଗିର ଜିଲ୍ଲାର ଜଣେ ମହିଳା ନେତ୍ରୀଙ୍କୁ ମଧ ଘରୋଇ ହସ୍ତତନ୍ତ କ୍ଷେତ୍ର ରାଜ୍ୟ ସଂଯୋଜିକା ଭାବେ ଗୀତାଞ୍ଜଳି କୀର୍ତ୍ତିଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଟିଟିଲାଗଡ ଅଂଚଳର ମହିଳା ନେତ୍ରୀ ରମା ତାଣ୍ଡିଙ୍କୁ ଜିଲ୍ଲା ସଂଯୋଜିକା ଓ ଚକା ଚରଣ ମାଝୀଙ୍କୁ ଜିଲ୍ଲା ସଂଯୋଜକ ଭାବେ ଅଖିଳ ଭାରତ ଅଣ ସଂଗଠିତ ଶ୍ରମିକ କଂଗ୍ରେସ ତରଫରୁ ନିଯୁକ୍ତ ପ୍ରଦାନ କରାଯାଇଥିବା ସୂଚନା ମିଳିଛି । ଏଥି ଯୋଗୁଁ ଅଖିଳ ଭାରତ କଂଗ୍ରେସ କମିଟିର ଜାତୀୟ ଅଧକ୍ଷା ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ ଜାତୀୟ ସଂଗଠନର ଜାତୀୟ ଅଧକ୍ଷ ଅରବିନ୍ଦ ସିଂ, ଡା ରାମଚନ୍ଦ୍ର ଖୁଣ୍ଟିଆ ଓ ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ତଥା ରାଜ୍ୟ ଅଧକ୍ଷ ବିଦ୍ୟାଧର ମହାନ୍ତିଙ୍କୁ ନବ ନିଯୁକ୍ତ ସଂଯୋଜକ, ସଂଯୋଜିକା ଓ ରାଜ୍ୟ ସଂଯୋଜିକା କୃତଜ୍ଞତା ଜଣାଇଛନ୍ତି ।

# ହୃଦଘାତରେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ



ପଦ୍ମପୁର, (ନିପ୍ର) : ପଦ୍ମପୁର ଉପଖଣ୍ଡ ସ୍ଥିତ ଲଖମରା ଗ୍ରାମର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହେମକାନ୍ତ ସୁନାଙ୍କ ସ୍କୁଲରେ କାର୍ଯ୍ୟରତ ଅବସ୍ଥାରେ ହୃଦଘାତରେ ମୃତ୍ୟୁ ହୋଇଯାଇଛି । ତାଙ୍କ ନିଜସ୍ୱ ଘର ପଦ୍ମପୁର ଉପଖଣ୍ଡ ଅଧୀନସ୍ଥ ଦିପ୍ତିପୁର ନିକଟସ୍ଥ ଝୁନଙ୍ଗାପାଲି ଗ୍ରାମରେ । ପ୍ରାରମ୍ଭରେ ଶ୍ରୀ ସୁନା ଦିପ୍ତିପୁର ହାଇସ୍କୁଲରେ ଶିକ୍ଷକତା କରୁଥିଲେ । ତାଙ୍କର ଦୁଇ ପୁଅ, ଗୋଟିଏ ମାତ୍ର ଝିଅ । ପାଇକମାଲ ବ୍ଲକ ଶିକ୍ଷା ଅଧିକାରୀ ତୁରନ୍ତ ପରିବାର ବର୍ଗଙ୍କୁ ଏହି ଦୁଃଖଦ ଖବର ଜଣାଇଥିଲେ । ଖରବ ପାଇ ସଙ୍ଗେ ସଙ୍ଗେ ଘର ଲୋକ ଆସି ମୃତଦେହ ଘରକୁ ନେଇ ଯାଇଥିଲେ । ପୂର୍ବରୁ ଶ୍ରୀ ସୁନାଙ୍କର ଦେହ ଖରାପ ରହୁଥିଲା । ଜଣେ ଅତ୍ୟନ୍ତ ମେଳାପୀ ଓ କର୍ତ୍ତବ୍ୟ ପରାୟଣ, ଛାତ୍ରଛାତ୍ରୀମାନଙ୍କ ପ୍ରିୟ ଶିକ୍ଷକ ଭାବରେ ଶ୍ରୀ ସୁନା ପରିଚିତ । ଶ୍ରୀ ସୁନାଙ୍କର ବିୟୋଗ ଅଂଚଳବାସୀଙ୍କୁ ମର୍ମାହତ କରିଛି । ଶ୍ରୀ ସୁନାଙ୍କର ବିୟୋଗରେ ଅନେକ ଶିକ୍ଷକ ତଥା ପାଇକମାଲ ବ୍ଲକ ଶିକ୍ଷା ଅଧିକାରୀ ଚୁଡାମଣି ବାରିକ ଶୋକ ବ୍ୟକ୍ତ କରିବା ସହିତ ଶୋକାକୁଳ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି । ପଦ୍ମପୁର ଅଂଚଳରେ ତାଙ୍କର ଅକାଳ ବିୟୋଗ ସମଗ୍ର ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।


ଦ୍ୱାଦଶହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଚାଲିଗଲ ଆଫେରା ବାଟରେ ।
ଝୁରୁଛି ଘର, ଝୁରୁଛି ଗାଁ ମାଟି ।
ଯେଉଁଠି ଥାଅ, ଭଲରେ ଥାଅ ।
ସବୁବେଳେ ଶୁଭାଶିଷ ଢାଳୁଥାଅ ।
ତୁମ ପ୍ରିୟ ଶୋକସନ୍ତପ୍ତ ପୁତ୍ର,
ପୁତ୍ରବଧୂ, ନାତି ନାତୁଣୀ ଓ ମିଶ୍ର ପରିବାର ବର୍ଗ
ଭୋଳ ନୂଆଗାଁ, ଆନନ୍ଦପୁର, କେନ୍ଦୁଝର
ଧର୍ମ ପରାୟଣା ସୁଷମା ମଞ୍ଜରୀ ମିଶ୍ର
ତିରୋଧାନ:- ମାଘ ସପ୍ତମୀ, ତା.୧୮/ ୦୨/ ୨୦୨୧


PAKWAN
BIRYANI BOWL
Shanti pada chowk
BALANGIR
HOME DELIVERY
MENU
HOME DELIVERY
Mutton Biryani. 150/-
(4 pieces mutton, raita & juice)
Chicken Biryani. 100/-
(3 pieces chicken,1 egg, raita & juice)
Veg Biryani. 100/-
( vegetables, paneer, mashroom & raita)
Chicken patarpuda 100/-
(Chicken with garlic 250 gm)
Home delivery
Dining & takeaway
available
9853846768
9658704925

# ଅସ୍ତ୍ରବିରତି ସ୍ୱାଗତଯୋଗ୍ୟ, ବର୍ତ୍ତମାନ ଦାୟିତ୍ୱ ଭାରତ ଉପରେ : ଇମ୍ରାନ ଖାନ

ଇସ୍‌ଲାମାବାଦ : ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ବାଲାକୋଟ ଏୟାର ଷ୍ଟ୍ରାଇକର ଦ୍ୱିତୀୟ ବାର୍ଷିକୀ ଅବସରରେ ପାକିସ୍ତାନବାସୀ ଏବଂ ସଶସ୍ତ୍ର ବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି ।

ଇମ୍ରାନ ଖାନ ତାଙ୍କ ଅଫିସିଆଲ ଟୁଇଟର ହ୍ୟାଣ୍ଡେଲରେ ଲେଖିଛନ୍ତି, ମୁଁ ପାକିସ୍ତାନ ବିରୁଦ୍ଧରେ ଆରମ୍ଭ ହୋଇଥିବା ବେଆଇନ, ଦୁଃସାହସିକ ସାମରିକ ଥ୍ରୀଲ ଏୟାର ଷ୍ଟ୍ରାଇକର ପ୍ରତିଶୋଧର ଦ୍ୱିତୀୟ ବାର୍ଷିକୀ ଅବସରରେ ସମଗ୍ର ଦେଶକୁ ଅଭିନନ୍ଦନ ଜଣାଉଛି । ଗର୍ବ ଏବଂ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ରାଷ୍ଟ୍ର ଭାବରେ ତାଙ୍କ ଦ୍ୱାରା ମନୋନୀତ ହୋଇଥିବା ସମୟ ଏବଂ ସ୍ଥାନରେ ନିଷ୍ଠା ସହିତ ପ୍ରତିକ୍ରିୟା ପ୍ରଦର୍ଶନ କରାଯାଇଥିଲା ।

ଏହା ସହ ଇମ୍ରାନ ଖାନ ପୁଣିଥରେ କହିଛନ୍ତି ଯେ, ତାଙ୍କ ସରକାର ସଂଳାପରେ ବିଶ୍ୱାସ କରନ୍ତି ଏବଂ ଶାନ୍ତି ଚାହୁଁଛନ୍ତି । ସେ କହିଛନ୍ତି, 'ଆମେ ମଧ୍ୟ ବଶ୍ୱକୁ ଦେଖାଇଛୁ ଯେ ଭାରତର ଦାୟିତ୍ୱହୀନ ସାମରିକ ଷ୍ଟାଣ୍ଡର ପ୍ରତିକ୍ରିୟାରେ ଧରାଯାଇଥିବା ଭାରତୀୟ ପାଇଲଟଙ୍କୁ ଫେରାଇ ଆମେ କିପରି ଦାୟିତ୍ୱବୋଧକ ଆଚରଣ ପ୍ରଦର୍ଶନ କରିଛୁ । ଆମେ ସବୁବେଳେ ଶାନ୍ତି ପାଇଁ ଛିଡା ହୋଇଛୁ ଏବଂ କଥାବାର୍ତ୍ତା ଜାରି ରଖିଛୁ । ସମସ୍ତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ମାଧ୍ୟମ ପ୍ରସ୍ତୁତ ଅଛି ।'

ଇମ୍ରାନ ଖାନ ନିଜର ତୃତୀୟ ଟ୍ୱିଟରେ କାଶ୍ମୀର ଉପରେ ଜାତିସଂଘ ସୁରକ୍ଷା ପରିଷଦର ସଂକଳ୍ପ ପ୍ରସଙ୍ଗ ଉଠାଇଛନ୍ତି । ସେ ଲେଖିଛନ୍ତି, 'ମୁଁ ଏଲଓସିରେ ଅସ୍ତ୍ରବିରତିକୁ ସ୍ୱାଗତ କରୁଛି । ଆଗକୁ ପ୍ରଗତି ପାଇଁ ଏକ ଆରାମଦାୟକ ପରିବେଶ ସୃଷ୍ଟି କରିବା ଭାରତ ଉପରେ ନିର୍ଭର କରେ । ଜାତିସଂଘ ସୁରକ୍ଷା ପରିଷଦର ନିଷ୍ପତ୍ତି ଅନୁଯାୟୀ ଭାରତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ । ଦୀର୍ଘ ଦିନ ଧରି କାଶ୍ମୀରବାସୀଙ୍କ ଦାବୀ ଏବଂ ସେମାନଙ୍କ ଭବିଷ୍ୟତ ସ୍ଥିର କରିବାର ଅଧିକାର ସେମାନଙ୍କୁ ଦିଆଯିବା ଉଚିତ୍ ।'



# ଆସାମ ପୁଲିସ ବିଭାଗରେ ଡିଏସ୍‌ପି ପଦରେ ନିଯୁକ୍ତି ପାଇଲେ ଦୌଡରାଣୀ ହୀମା ଦାସ



ନୂଆଦିଲ୍ଲୀ : ଦୌଡରାଣୀ ତଥା ଭାରତର ସୁନା ଝିଅ ହୀମା ଦାସ ଆସାମ ପୁଲିସ ବିଭାଗରେ ଡିଏସ୍‌ପି ପଦରେ ନିଯୁକ୍ତି ପାଇଛନ୍ତି । ଆସାମ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ୍ ଶୁକ୍ରବାର ହିମାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ଆସାମ ପୁଲିସ ବିଭାଗର ମହାନିର୍ଦ୍ଦେଶକ ତଥା ଅନ୍ୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

# ମାଲକାନଗିରି ସୀମାନ୍ତରେ ୬ ମାଓ କ୍ୟାମ୍ପ ଧ୍ୱଂସ କଲେ ଯବାନ

ମାଲକାନଗିରି : ମାଲକାନଗିରି ସୀମାନ୍ତରେ ୬ ମାଓ କ୍ୟାମ୍ପ ଧ୍ୱଂସ କରି ବିପୁଳ ପରିମାଣର ମାଓ ଅସ୍ତ୍ରଶସ୍ତ୍ର ଜବତ କଲେ ଯବାନ । ଗତକାଲି ଛତିଶଗଡ଼-ମହାରାଷ୍ଟ୍ର ସୀମାନ୍ତ ନାରାୟଣପୁର ଜିଲ୍ଲାରେ ଯବାନ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ଜଣେ ଡିଆରଜି ଯବାନ ଆହତ ହୋଇଥିଲେ । ଯବାନଙ୍କ ପାଲଟା ଗୁଳିରେ ନକ୍ସଲମାନେ ଛତ୍ରଭଙ୍ଗ ଦେଇଥିଲେ । ତେବେ ଏହି ଅପରେସନ ଅବୁଝାମଡ କ୍ଷେତ୍ର ଅନ୍ତର୍ଗତ ଟେକମେଟା ଅଂଚଳରେ କରାଯାଇଥିଲା ବୋଲି ଜଣାପଡିଛି । ଯବାନ୍‌ଙ୍କ ପଦକ୍ଷେପକୁ ଅଂଚଳରେ ପ୍ରଶଂସା କରାଯାଇଛି ।



# ରୋମିଓକୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଛି ଜୁଲିଆଟ, ଦୁଇ ପକ୍ଷୀଙ୍କ ନିଆରା ପ୍ରେମ କାହାଣୀକୁ ନେଇ ଜୋର୍ ଚର୍ଚ୍ଚା

ବଲାଙ୍ଗିର, (ନିପ୍ର) : ରୋମିଓ ବାଟକୁ ଚାହିଁ ବସିଛି ଜୁଲିଆଟ୍ । ଏହି କଥାଟି ଭାବିଲେ ଟିକେ ଅଡୁଆ ଲାଗୁଥିବ । ହେଲେ ଏ କୌଣସି ଫିଲ୍ମ କିମ୍ବା ଲୋକ କଥା କାହାଣୀର ପ୍ରେମ ପାଇଁ ଜଣାଶୁଣା ପ୍ରେମୀ ଯୁଗଳ ନୁହନ୍ତି । ଏ ହେଉଛି ସତସତିଆ ଓ ଆଜିର ବାସ୍ତବ ସତ କାହାଣୀ । ନିଜର ପ୍ରେମିକକୁ ହଜାଇ ପୁରା ଭାଙ୍ଗି ପଡିଛି ପ୍ରେମିକା ଜୁଲିଆଟ୍ । ଜୁଲିଆଟ ସୁଦୂର ଅଷ୍ଟ୍ରେଲିଆର କୋକଟେଲ ପକ୍ଷୀ ରୋମିଓକୁ ହଜାଇ ଭାଙ୍ଗି ପଡିଛନ୍ତି ବଲାଙ୍ଗିର ପାଲେସ ଲାଇନ୍‌ର ଗୋଟିଏ ପରିବାରରେ । ଏପରିକି ରୋମିଓଙ୍କ ବିଷୟରେ କିଏ ଖବର କିମ୍ବା ତାକୁ ଫେରେଇ ଆଣିଲେ ପୁରସ୍କାର ରାଶି ମଧ୍ୟ ଦେବାକୁ ଘୋଷଣା କରିଛନ୍ତି ପକ୍ଷୀ ପ୍ରେମରେ ପଡ଼ିଥିବା ବଲାଙ୍ଗିରର ଏହି ବାର୍ଡ ଲଭର୍ ପରିବାର । ତେବେ ସୁଦୂର ଅଷ୍ଟ୍ରେଲିଆର ଏ ପକ୍ଷୀଟି ଏବେ ପୂରାପୂରି ଭାଙ୍ଗି ପଡ଼ିଛି । ପାଖାପାଖି ୫ ଦିନ ହେଲେ ଠିକରେ ଖାଇବା ପିଇବା ବି କରୁନି । ସବୁବେଳେ ବିଭିନ୍ନ ଶବ୍ଦ କରି ରଡ଼ି ଛାଡୁଛି । କେତେବେଳେ ଛାତ ଉପରକୁ ତ କେତେବେଳେ ମୋବାଇଲ ରିଙ୍ଗ ହେଲେ ସଙ୍ଗେ ସଙ୍ଗେ ଯାଇ ଚାଲି ଯାଉଛି ଦେଖିବାକୁ । ହେଲେ ପୁଣି ଫେରି ଆସୁଛି । ଏପଟେ ଜୁଲିଆଟର ଏଭଳି ଅବସ୍ଥାରେ ସଂପୂର୍ଣ୍ଣ ଭାଙ୍ଗି ପଡିଛନ୍ତି ପରିବାର ଲୋକ । କେହିବି ଠିକ୍ ସେ ଖାଇବା ପିଇବା କରୁ ନାହାନ୍ତି । ବଲାଙ୍ଗିର ପେଲେସ୍ ଲାଇନର ପକ୍ଷୀ ପ୍ରେମରେ ପଡ଼ିଥିବା, ସଫ୍ଟ ଇଞ୍ଜିନିୟର ଦମ୍ପତି ହାଇଦ୍ରାବାଦର ଏକ ସଫ୍ଟୱେର୍ କମ୍ପାନୀରେ କାମ କରୁଥିବା ଏହି ଦଂପତି ଗତ କରୋନା ସମୟରେ ନିଜ ଘର ବଲାଙ୍ଗିରକୁ ଚାଲିଆସି ୱର୍କ ଫ୍ରମ ହୋମ୍‌ରେ କାମ କରୁଛନ୍ତି । ଏପରିକି ବିମାନ କିମ୍ବା ଟ୍ରେନରେ ପକ୍ଷୀ ନେବାକୁ ବାରଣ ଥିବାରୁ ନିଜ ଗାଡ଼ିରେ ରୋଡରେ ଆସିଥିଲେ । ପଶୁ ପକ୍ଷୀ ପ୍ରେମୀ ସ୍ୱାତୀ ଗତବର୍ଷ ହାଇଦ୍ରାବାଦର ଏକ ବଜାରରୁ ଅଷ୍ଟ୍ରେଲିଆନ ପକ୍ଷୀ ଦୁଇଟିକୁ ଘରକୁ ଆଣିଥିଲେ । ନାଁ ରଖିଥିଲେ ରୋମିଓ ଓ ଜୁଲିଆଟ୍ । ଏ ଦୁଇ ପକ୍ଷୀଙ୍କୁ ପିଞ୍ଜରାରେ ନରଖି ଖୋଲା ଛାଡି ଦେଇଥିଲେ । ହେଲେ ଗତ ୧୮ ତାରିଖ ଦିନ ରୋମିଓ ହଠାତ କୁଆଡେ ଚାଲିଗଲା । ପରିବାର ସଦସ୍ୟ ବିଭିନ୍ନ ଜାଗାରେ ଖୋଜାଖୋଜି କରୁଛନ୍ତି । ଏପରିକି ସହରର ବିଭିନ୍ନ କାନ୍ଥ ବାଡ଼ରେ ରୋମିଓର ହଜିବା ବିଜ୍ଞାପନ ଦେବା ସହ ପୁରସ୍କାର ରାଶି ମଧ୍ୟ ଘୋଷଣା କରିଛନ୍ତି । ମୋବାଇଲ ନମ୍ବର୍ ୮୮୯୭୦୦୯୪୪ରେ ରୋମିଓର ଖୋଜ୍ ଖବର ବିଷୟରେ ଯୋଗାଯୋଗ କରିବାକୁ କହିଛନ୍ତି ଏହି ପକ୍ଷୀ ପ୍ରେମୀ ପରିବାର । ତେବେ ଏହି ଖବରକୁ ନେଇ ଏବେ ବଲାଙ୍ଗିର ଜିଲ୍ଲାରେ ଚର୍ଚ୍ଚା ଜୋର୍ ଧରିଛି ।






# ସ୍କୁଲ୍ ବନ୍ଦକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ : ଛାତ୍ରଛାତ୍ରୀଙ୍କୁ ସାଙ୍ଗରେ ନେଇ ବିଡ଼ିଓଙ୍କ ନିକଟରେ ପହଂଚିଲେ ଅଭିଭାବକ ଓ ଗ୍ରାମବାସୀ

ବାଲିଗୁଡ଼ା, (ସ୍ୱପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ସେନାପଡ଼ି ପ୍ରାଥମିକ ବିଦ୍ୟାଳୟ ବନ୍ଦକୁ ଅଭିଭାବକ ଓ ଗ୍ରାମବାସୀଙ୍କ ବିରୋଧ ହୋଇଥିବା ଦେଖିବାକୁ ମିଳିଛି । ବିଦ୍ୟାଳୟ ଖୋଲିବା ନେଇ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା କୌଣସି ସୁଫଳ ମିଳିନଥିବା ଅଭିଯୋଗ କରିଛନ୍ତି ଅଂଚଳବାସୀ । ଯାହାଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଉଛି ବୋଲି କହିଛନ୍ତି ଅଭିଭାବକ । ଏଣୁ ଆଜି ପୁଣି ଛାତ୍ରଛାତ୍ରୀଙ୍କୁ ସାଥିରେ ନେଇ ଅଭିଭାବକ ଓ ଗ୍ରାମବାସୀ ବାଲିଗୁଡ଼ା ବ୍ଲକ୍ କାର୍ଯ୍ୟାଳୟରେ ପହଂଚିଛନ୍ତି ଏବଂ ଯଥାଶୀଘ୍ର ସମସ୍ୟାର ସମାଧାନ ନହେଲେ ପିଲାମାନଙ୍କର ଭବିଷ୍ୟତ ପାଇଁ ଅଂଚଳବାସୀ ଓ ଅଭିଭାବକ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି । ସୂଚନା ପ୍ରକାରେ ସେନାପଡ଼ି ସ୍କୁଲରେ ପୂର୍ବରୁ ୧୩ ଜଣ ଛାତ୍ରଛାତ୍ରୀ ଥିଲେ ସରକାରଙ୍କ ନିୟମ ଅନୁଯାୟୀ ବିଦ୍ୟାଳୟକୁ ବନ୍ଦ କରିବାପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା ଏବଂ ବର୍ତ୍ତମାନ ସମୟରେ ସେନାପଡ଼ି ସ୍କୁଲ ବନ୍ଦ ରହିଛି । ଏଥି ସହିତ ସେନାପଡ଼ି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ମିଡ଼ିଆକିଆ ପଂଚାୟତର ନୂଆସାହି ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି । କିନ୍ତୁ ଚଳିତ ବର୍ଷ ସେହି ଗ୍ରାମର ଆଉ ଦଶଜଣ ଛାତ୍ରଛାତ୍ରୀ ସ୍କୁଲରେ ନାମ ଲେଖାଇବାର ଥିବା ବେଳେ ସ୍କୁଲ ବନ୍ଦ ହେବା ଯୋଗୁଁ ନାମ ଲେଖାଇ ପାରିନାହାନ୍ତି ଅଭିଭାବକ । ଅନ୍ୟପଟେ ସେନାପଡ଼ି ସ୍କୁଲକୁ ନିକଟସ୍ଥ ଯେଉଁ ସ୍କୁଲ ସହ ମିଶାଯାଇଛି । ସେନାପଡ଼ିରୁ ସେହି ସ୍କୁଲର ଦୂରତା ପାଂଚ କିଲୋମିଟର ହେଉଛି । ଏଣୁ କୋମଳମତି ଛାତ୍ରଛାତ୍ରୀ ସେଠାକୁ ଚାଲିଚାଲି ଯିବା ସମ୍ଭବ ନୁହେଁ ବୋଲି କହିଛନ୍ତି ସଭାପତି ସରୋଜ ମଲିକ । ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରନ୍ତୁ ବୋଲି କହିଛନ୍ତି ଅଭିଭାବକ ଓ ଛାତ୍ରଛାତ୍ରୀ । ସେପଟେ ଘଟଣାର ଅନୁଧ୍ୟାନ କରାଯିବ ଏବଂ ଏହାର ଉଚିତ୍ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବାଲିଗୁଡ଼ା ବିଡ଼ିଓ ଜଗଦୀଶ ଷଡ଼ଙ୍ଗୀ କହିଛନ୍ତି ।

ଅନ୍ୟପଟେ ସାରା ଓଡ଼ିଶାରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି । କୁନି କୁନି ପିଲାମାନଙ୍କ ପାଠପଢ଼ା ଦିଗକୁ ଦୃଷ୍ଟିରେ ରଖି ସରକାର ଉଚିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି ।



## ଆସାମରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ .... (୭ମ ପୃଷ୍ଠାରୁ)

କୋଳରେ ପ୍ରସାରିତ ହେଉଥିବା ଏ ସମସ୍ତ ଭିତ୍ତିଭୂମି କେବଳ ଲୁହା ପାଇପ କିମ୍ବା ଫାଇବର ନୁହେଁ । ଏସବୁ ଭାରତ ମାତାର ନୂତନ ଭାଗ୍ୟ ରେଖା ।

ଭାଇ ଓ ଭଉଣୀମାନେ,

ଆତ୍ମନିର୍ଭର ଭାରତକୁ ତ୍ୱରାନ୍ୱିତ କରିବା ଲାଗି ଆମର ବୈଜ୍ଞାନିକ, ଇଞ୍ଜିନିୟର, ବୈଷୟିକ ପେସାଦାରମାନଙ୍କର ସଶକ୍ତ ପ୍ରତିଭା ଭଣ୍ଡାରର ବଡ ଭୂମିକା ରହିଛି । ଏଇ କିଛିବର୍ଷ ହେବ ଆମେ ଦେଶରେ ଏପରି ଏକ ପରିବେଶ ସୃଷ୍ଟି କରିବା ଲାଗି କାମ କରି ଆସୁଛୁ ଯାହାଫଳରେ ଦେଶର ଯୁବକମାନେ ନୂଆ ଅଭିନବ ଢଙ୍ଗରେ, ଷ୍ଟାର୍ଟଅପ୍ସ ଜରିଆରେ ସମସ୍ୟାଗୁଡିକର ସମାଧାନ କରିପାରିବେ । ଆଜି ସାରା ଦୁନିଆ ଭାରତର ଇଞ୍ଜିନିୟର୍ସ, ଟେକ୍ନୋକ୍ରାଟ୍ସମାନଙ୍କୁ ଉଚ୍ଚ ପ୍ରଶଂସା କରୁଛି । ଆସାମର ଯୁବକମାନଙ୍କ ନିକଟରେ ଅଦ୍ଭୁତ କ୍ଷମତା ରହିଛି । ଏହି କ୍ଷମତାକୁ ବଂଚାଇବା ଲାଗି ରାଜ୍ୟ ସରକାର ପ୍ରାଣପଣେ ଉଦ୍ୟମ କରୁଛନ୍ତି । ଆସାମ ସରକାରଙ୍କ ପ୍ରୟାସ କାରଣରୁ ହିଁ ଆଜି ଏଠାରେ ୨୦ରୁ ଅଧିକ ଇଞ୍ଜିନିୟରିଂ କଲେଜ ଖୋଲିସାରିଛି । ଆଜି ଧେମାଜୀ ଇଞ୍ଜିନିୟରିଂ କଲେଜର ଉଦଘାଟନ ଏବଂ ସୁଆଲକୁଚି ଇଞ୍ଜିନିୟରିଂ କଲେଜର ଶିଳାନ୍ୟାସ ଫଳରେ ଏହି କ୍ଷମତା ଆହୁରି ବିସ୍ତାରିତ ହୋଇଛି । ଧେମାଜୀ ଇଞ୍ଜିନିୟରିଂ କଲେଜ ଉତ୍ତର ତଟର ପ୍ରଥମ ଇଞ୍ଜିନିଅରିଂ କଲେଜ ଅଟେ । ମୁଁ ଜାଣିବାକୁ ପାଇଛି ଯେ ଏପରି ଆହୁରି ତିନୋଟି ଇଞ୍ଜିନିୟରିଂ କଲେଜ ନିର୍ମାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଝିଅମାନଙ୍କ ପାଇଁ ସ୍ୱତନ୍ତ୍ର କଲେଜ, ପଲିଟେକ୍ନିକ କଲେଜ, ଅନ୍ୟ ଶିକ୍ଷାନୁଷ୍ଠାନ ଗୁଡିକ ପ୍ରତିଷ୍ଠା ଲାଗି ଆସାମ ସରକାର ବ୍ୟାପକ ସ୍ତରରେ କାମ କରୁଛନ୍ତି ।

ଭାଇ ଓ ଭଉଣୀମାନେ,

ଆସାମ ସରକାର ଏଠାରେ ନୂତନ ଶିକ୍ଷା ନୀତିକୁ ମଧ ଯଥାଶୀଘ୍ର ଲାଗୁ କରିବା ଲାଗି ପ୍ରୟାସ କରୁଛନ୍ତି । ଏହି ନୂଆ ଜାତୀୟ ଶିକ୍ଷା ନୀତିର ଅଧିକ ଲାଭ ଆସାମ, ଏଠାକାର ଜନଜାତୀୟ ସମାଜ, ଚା' ବଗିଚାରେ କାମ କରୁଥିବା ମୋର ଶ୍ରମିକ ଭାଇ-ଭଉଣୀମାନଙ୍କର ପିଲାମାନେ ପାଇପାରିବେ । ଏହାର କାରଣ ହେଉଛି ଏଥିରେ ସ୍ଥାନୀୟ ଭାଷାରେ ପାଠପଢ଼ା ଏବଂ ସ୍ଥାନୀୟ ବ୍ୟବସାୟ ସହ ଜଡିତ କୌଶଳ ବିକାଶ ଉପରେ ଜୋର ଦିଆଯାଇଛି । ସ୍ଥାନୀୟ ଭାଷାରେ ଡାକ୍ତରୀ ପାଠପଢ଼ା, ସ୍ଥାନୀୟ ଭାଷାରେ ବୈଷୟିକ ଶିକ୍ଷା ଦିଆଗଲେ, ଅତି ଗରିବ ପିଲାମାନେ ମଧ ଡାକ୍ତର ହୋଇପାରିବେ, ଇଞ୍ଜିନିୟର ହୋଇପାରିବେ ଏବଂ ଦେଶର କଲ୍ୟାଣ କରିପାରିବେ । ଗରିବ ମା'ବାପାଙ୍କ ସ୍ୱପ୍ନ ପୂରଣ କରିପାରିବେ । ଆସାମ ଭଳି ରାଜ୍ୟରେ ଚା', ପର୍ଯ୍ୟଟନ, ହସ୍ତତନ୍ତ ଓ ହସ୍ତଶିଳ୍ପ ଆଦି ଆତ୍ମନିର୍ଭରଶୀଳତାର ବହୁତ ବଡ ଶକ୍ତି ଅଟେ । ଏଭଳି ସ୍ଥିତିରେ ଏଠାକାର ଯୁବକମାନେ ଯେତେବେଳେ ଏହି ଦକ୍ଷତାକୁ ସ୍କୁଲ ଓ କଲେଜରେ ହିଁ ଶିଖିବେ, ଏଥିରୁ ଅଧିକ ଲାଭ ପାଇପାରିବେ । ଆତ୍ମନିର୍ଭରଶୀଳତାର ମୂଳଦୁଆ ସେଠାରୁ ଯୋଡି ହେବ । ଚଳିତ ବର୍ଷ ବଜେଟରେ ମଧ ଜନଜାତି କ୍ଷେତ୍ରରେ ୧୦୦ଟି ନୂଆ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଖୋଲିବା ଲାଗି ବ୍ୟବସ୍ଥା କରାଯାଇଛି, ଯାହାର ଲାଭ ମଧ ଆସାମକୁ ମିଳିବ ।

ସାଥୀଗଣ,

ବ୍ରହ୍ମପୁତ୍ରର ଆଶୀର୍ବାଦ ବଳରେ, ଏହି କ୍ଷେତ୍ରର ଜମି ଅତ୍ୟନ୍ତ ଉର୍ବର ରହିଆସିଛି । ଏଠାକାର ଚାଷୀମାନେ କିଭଳି ନିଜ ସାମର୍ଥ୍ୟକୁ ବଢ଼ାଇପାରିବେ, ସେମାନଙ୍କୁ ଚାଷର ଆଧୁନିକ ସୁବିଧା ମିଳିପାରିବ, ଆୟ ବୃଦ୍ଧି ପାଇପାରିବ, ସେଥିପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ମିଳିମିଶି କାମ କରୁଛନ୍ତି । କୃଷକମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଟଙ୍କା ସ୍ଥାନାନ୍ତର କରିବା ହେଉ, ସେମାନଙ୍କ ପାଇଁ ପେନସନ ଯୋଜନା ଆରମ୍ଭ କରିବା, ସେମାନଙ୍କୁ ବିହନ ଦେବା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରିବା ଆଦି ସମେତ ସେମାନଙ୍କର ସମସ୍ତ ଆବଶ୍ୟକତାକୁ ପୂରଣ କରିବା ଲାଗି ସର୍ବାଧିକ ପ୍ରାଥମିକତା ଦେଇ ପଦକ୍ଷେପ ନିଆଯାଉଛି । ମତ୍ସ୍ୟଚାଷ ଉପରେ ବିଶେଷ ଜୋର ଦେଇ ଆମ ସରକାର ମତ୍ସ୍ୟଚାଷ ସହ ଜଡିତ ଏକ ଭିନ୍ନ ମନ୍ତ୍ରଣାଳୟ ଆରମ୍ଭରୁ ସ୍ଥାପନ କରିସାରିଛି । ମତ୍ସ୍ୟଚାଷକୁ ପ୍ରୋତ୍ସାହନ ଦେବା ଲାଗି ସ୍ୱାଧୀନତା ପରେ ଯେତିକି ଖର୍ଚ୍ଚ କରାଯାଇନଥିଲା, ତା'ଠାରୁ ବହୁ ଅଧିକ ଆମ ସରକାର ଏବେ ଖର୍ଚ୍ଚ କରୁଛନ୍ତି । ମତ୍ସ୍ୟ ବ୍ୟବସାୟ ସହ ଜଡିତ କୃଷକମାନଙ୍କ ପାଇଁ ୨୦ ହଜାର କୋଟି ଟଙ୍କାର ଏକ ବହୁତ ବଡ ଯୋଜନା ପ୍ରସ୍ତୁତ କରାଯାଇଛି ଯାହାର ଲାଭ ଆସାମରେ ମତ୍ସ୍ୟ ଉଦ୍ୟୋଗ ସହ ଜଡିତ ମୋର ଭାଇମାନଙ୍କୁ ମିଳିବ । ଆସାମର କୃଷକ, ଦେଶର କୃଷକମାନେ ଯେଉଁ ଫସଲ ଉତ୍ପାଦନ କରୁଛନ୍ତି, ତାହା ଅନ୍ତର୍ଜାତୀୟ ବଜାର ପର୍ଯ୍ୟନ୍ତ କିଭଳି ପହଂଚିପାରିବ ସରକାର ସେ ଦିଗରେ ଉଦ୍ୟମ କରୁଛନ୍ତି । ଏଥିପାଇଁ କୃଷି ସହ ଜଡିତ ଆଇନରେ ସଂସ୍କାର ଅଣାଯାଇଛି ।

ସାଥୀଗଣ,

ଆସାମର ଅର୍ଥବ୍ୟବସ୍ଥାରେ ଉତ୍ତର ତଟର ଚା'ବଗିଚାର ଏକ ବହୁତ ବଡ ଭୂମିକା ରହିଛି । ଏସବୁ ଚା' ବଗିଚାରେ କାମ କରୁଥିବା ଆମର ଭାଇ-ଭଉଣୀମାନଙ୍କ ଜୀବନ କିପରି ସହଜ ହେବ ଏହା ମଧ ଆମ ସରକାରଙ୍କର ସର୍ବୋଚ୍ଚ ପ୍ରାଥମିକତା ମଧ୍ୟରୁ ଗୋଟିଏ । ଛୋଟ ଚା' ଉତ୍ପାଦକମାନଙ୍କୁ ଜମି ପଟ୍ଟା ଦେବାର ଅଭିଯାନ ଚଳାଇଥିବାରୁ ମୁଁ ଆସାମ ସରକାରଙ୍କୁ ପ୍ରଶଂସା କରିବାକୁ ଚାହୁଁଛି ।

ଭାଇ ଓ ଭଉଣୀମାନେ,

ଯେଉଁ ଲୋକମାନେ ବହୁଦଶନ୍ଧି ଧରି ଦେଶ ଉପରେ ରାଜୁତି କରୁଥିଲେ ସେମାନେ ଦିସପୁରକୁ ଦିଲ୍ଲୀଠାରୁ ଖୁବ ଅଧିକ ଦୂର ବୋଲି ଗ୍ରହଣ କରି ନେଇଥିଲେ । ଏହି ଚିନ୍ତାଧାରା କାରଣରୁ ଆସାମର ଅନେକ କ୍ଷତି ହେଲା । କିନ୍ତୁ ଏବେ ଦିଲ୍ଲୀ ଆପଣମାନଙ୍କ ଠାରୁ ଦୂରରେ ନାହିଁ । ଦିଲ୍ଲୀ ଆପଣଙ୍କ ଦ୍ୱାରରେ ଛିଡା ହୋଇଛି । ବିଗତ ବର୍ଷଗୁଡିକରେ ଶତାଧିକ ବାର କେନ୍ଦ୍ର ସରକାରଙ୍କର ମନ୍ତ୍ରୀମାନଙ୍କୁ ପଠାଯାଇଛି ଯାହାଫଳରେ ସେମାନେ ଆପଣମାନଙ୍କ ସମସ୍ୟା ଜାଣିବେ ଏବଂ ଭୂମିଗତ ସ୍ତରରେ ଯେଉଁ ହେଉଛି ତାହା ଦେଖିପାରିବେ । ଆପଣମାନଙ୍କର ଆବଶ୍ୟକତାକୁ ଧ୍ୟାନରେ ରଖି ଯୋଜନା ପ୍ରସ୍ତୁତ ହେବା ଉଚିତ ଏବଂ ସେହି ଦିଗରେ ଆମେ ପ୍ରୟାସ କରିଛୁ । ମୁଁ ମଧ ଅନେକ ଥର ଆସାମ ଆସିଛି ଯାହାଫଳରେ ଆପଣମାନଙ୍କ ଗହଣରେ ଉପସ୍ଥିତ ହୋଇ ଆପଣମାନଙ୍କର ବିକାଶ ଯାତ୍ରାରେ ଏକ ସହଭାଗୀ ହୋଇପାରିବି । ଆସାମ ପାଖରେ ସବୁକିଛି ଅଛି, ଯାହା ଏଠାକାର ନାଗରିକମାନଙ୍କର ଉନ୍ନତ ଜୀବନଧାରଣ ପାଇଁ ଆବଶ୍ୟକ । ଏବେ ଆବଶ୍ୟକତା ହେଉଛି, ବିକାଶ ଓ ପ୍ରଗତିର ଯେଉଁ ଡବଲ ଇଞ୍ଜିନ ଏବେ ଚାଲିଛି ସେହି ଡବଲ ଇଞ୍ଜିନକୁ ଆହୁରି ମଜବୁତ କରିବା ଲାଗି ଆଉ ଏକ ସୁଯୋଗ ଆପଣମାନଙ୍କ ପାଖକୁ ପୁଣିଥରେ ଆସୁଛି । ମୁଁ ଆସାମର ଲୋକମାନଙ୍କୁ ବିଶ୍ୱାସ ଦେବାକୁ ଚାହୁଁଛି, ଆପଣମାନଙ୍କ ସହଯୋଗ ବଳରେ, ଆପଣମାନଙ୍କର ଆଶୀର୍ବାଦ ବଳରେ ଆସାମର ବିକାଶ ଆହୁରି ତ୍ୱରାନ୍ୱିତ ହେବ, ନୂତନ ଉଚ୍ଚତାରେ ପହଂଚିବ ।

ଭାଇ ଓ ଭଉଣୀମାନେ,

ମୁଁ ଜାଣିଛି ଯେ ଏବେ ଆପଣମାନେ ନିର୍ବାଚନ ଅପେକ୍ଷାରେ ଥିବେ । ପୂର୍ବ ନିର୍ବାଚନ ଯେବେ ଘୋଷଣା କରାଯାଇଥିଲା ସେ ବିଷୟରେ ମୋର ମନେ ପଡୁଛି । ବୋଧହୁଏ ନିର୍ବାଚନ ମାର୍ଚ୍ଚ ୪ରେ ଏହି ଘୋଷଣା କରାଯାଇଥିଲା । ଏଥର ମଧ ମୁଁ ସେହି ସମ୍ଭାବନା ଦେଖୁଛି, ମାର୍ଚ୍ଚ ପ୍ରଥମ ସପ୍ତାହରେ ଯେକୌଣସି ସମୟରେ ନିର୍ବାଚନ ଘୋଷଣା କରାଯାଇପାରେ । ନିର୍ବାଚନ କମିଶନ ତାଙ୍କର ଦାୟିତ୍ୱ ସମ୍ପାଦନ କରିବେ । କିନ୍ତୁ ମୁଁ ଚେଷ୍ଟା କରିବି, ନିର୍ବାଚନ ଘୋଷଣା ପୂର୍ବରୁ କେତେଥର ଆସାମ, ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ, ପୁଡୁଚେରୀ ଯାଇପାରିବି । ଧରାଯାଉ ଯଦି ମାର୍ଚ୍ଚ ୭ ତାରିଖରେ ନିର୍ବାଚନ ଘୋଷଣା କରାଯାଏ ତା'ହେଲେ ଏହି ଯେଉଁ ସମୟ ମିଳିବ ସେଥିରେ ଆସିବା ଲାଗି ମୁଁ ସମ୍ପୂର୍ଣ୍ଣ ଚେଷ୍ଟା କରିବି । ପୂର୍ବଥର ୪ ମାର୍ଚ୍ଚରେ ନିର୍ବାଚନ ଘୋଷଣା କରାଯାଇଥିଲା । ସେହି ପାଖାପାଖି ତାରିଖରେ କେବେ ବି ନିର୍ବାଚନ ଘୋଷଣା କରାଯାଇପାରେ । ଯାହା ବି ହେଉ ମୁଁ ଆପଣମାନଙ୍କ ଗହଣକୁ ଆସିବା ଲାଗି ନିରନ୍ତର ପ୍ରୟାସ କରିବି । ଭାଇ ଓ ଭଉଣୀମାନେ ଏତେ ଅଧିକ ସଂଖ୍ୟାରେ ଆପଣମାନେ ଏଠାକୁ ଆସି ଆମକୁ ଆଶୀର୍ବାଦ ଦେଲେ । ବିକାଶ ଯାତ୍ରା ପାଇଁ ଆପଣମାନେ ଆମର ବିଶ୍ୱାସକୁ ଆହୁରି ମଜବୁତ କରିଛନ୍ତି । ସେଥିପାଇଁ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି । ଏହି ବିଶ୍ୱାସ ସହିତ ମୁଁ ପୁଣିଥରେ ଏ ସମସ୍ତ ବିକାଶ ଯୋଜନା ଆତ୍ମନିର୍ଭର ଆସାମ ନିର୍ମାଣ, ଭାରତ ନିର୍ମାଣ ଲାଗି ଆସାମର ଯୋଗଦାନ, ଆସାମର ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣରେ ସହାୟକ ହେବ ବୋଲି ଆଶା କରୁଛି । ଆସାମର ମତ୍ସ୍ୟଜୀବୀ, କୃଷକ, ମା'-ଭଉଣୀ, ଆଦିବାସୀ ଭାଇ-ଭଉଣୀ ପ୍ରତ୍ୟେକଙ୍କ କଲ୍ୟାଣ ଲାଗି ଏସବୁ ଯୋଜନାର ଲୋକାର୍ପଣ, ଶିଳାନ୍ୟାସ ହୋଇଛି । ସେଥିପାଇଁ ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଅନେକ ଅନେକ ଅଭିନନ୍ଦନ ଜଣାଉଛି । ଅନେକ ଶୁଭକାମନା ଜଣାଉଛି । ଦୁଇ ହାତ ମୁଠା କରି ଉପରକୁ ଉଠାଇ କୁହନ୍ତୁ ଭାରତ ମାତା କୀ-ଜୟ, ଭାରତ ମାତା କୀ-ଜୟ, ଭାରତ ମାତା କୀ-ଜୟ ।

(ସୌଜନ୍ୟ : ପିଆଇବି)

## ବିଧାନସଭା ନିର୍ବାଚନ..... (ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ନାମାଙ୍କନ ପତ୍ରର ଶେଷ ଦିନ, ଭୋଟ୍ ତାରିଖ ୧ ଏପ୍ରିଲ୍ । ତୃତୀୟ ପର୍ଯ୍ୟାୟ – ୩୧ ବିଧାନସଭା ଆସନ, ୧୨ ମାର୍ଚ୍ଚରେ ବିଜ୍ଞପ୍ତି ଜାରି କରାଯିବ । ୧୯ ମାର୍ଚ୍ଚରେ ନାମାଙ୍କନ ପତ୍ରର ଶେଷ ଦିନ, ମତଦାନ ତାରିଖ ୬ ଏପ୍ରିଲ । ଚତୁର୍ଥ ପର୍ଯ୍ୟାୟ – ୪୪ ବିଧାନସଭା ଆସନ, ବିଜ୍ଞପ୍ତି ୧୬ ମାର୍ଚ୍ଚରେ ପ୍ରକାଶ ପାଇବ । ୧୯ ମାର୍ଚ୍ଚରେ ନାମାଙ୍କନପତ୍ରର ଶେଷ ଦିନ, ଭୋଟ୍ ତାରିଖ ୧୦ ଏପ୍ରିଲ୍ । ପଂଚମ ପର୍ଯ୍ୟାୟ – ୪୫ ବିଧାନସଭା ଆସନ, ବିଜ୍ଞପ୍ତି ୨୩ ମାର୍ଚ୍ଚରେ ପ୍ରକାଶ ପାଇବ । ୩୦ ମାର୍ଚ୍ଚରେ ନାମାଙ୍କନ ପତ୍ରର ଶେଷ ଦିନ, ମତଦାନ ତାରିଖ ୧୭ ଏପ୍ରିଲ । ଷଷ୍ଠ ପର୍ଯ୍ୟାୟ – ୪୩ ବିଧାନସଭା ଆସନ, ୨୬ ମାର୍ଚ୍ଚରେ ବିଜ୍ଞପ୍ତି ପ୍ରକାଶ ପାଇବ । ୩ ଏପ୍ରିଲରେ ନାମାଙ୍କନ ପତ୍ରର ଶେଷ ଦିନ, ମତଦାନ ତାରିଖ ୨୨ ଏପ୍ରିଲ । ସପ୍ତମ ପର୍ଯ୍ୟାୟ – ୩୬ ବିଧାନସଭା ଆସନ, ୩୧ ମାର୍ଚ୍ଚରେ ବିଜ୍ଞପ୍ତି ଜାରି କରାଯିବ । ୭ ଏପ୍ରିଲରେ ନାମାଙ୍କନପତ୍ରର ଶେଷ ଦିନ, ଭୋଟ୍ ତାରିଖ ୨୬ ଏପ୍ରିଲ୍ । ସେହିପରି ଅଷ୍ଟମ ପର୍ଯ୍ୟାୟ – ୩୫ ବିଧାନସଭା ଆସନ, ୩୧ ମାର୍ଚ୍ଚରେ ବିଜ୍ଞପ୍ତି ଜାରି କରାଯିବ । ୭ ଏପ୍ରିଲରେ ନାମାଙ୍କନପତ୍ରର ଶେଷ ଦିନ, ଭୋଟ୍ ତାରିଖ ୨୯ ଏପ୍ରିଲ୍ ।

ଆସାମରେ ମତଦାନ ତିନିଟି ପର୍ଯ୍ୟାୟରେ ହେବ । ପ୍ରଥମ ପର୍ଯ୍ୟାୟ – ୪୭ ବିଧାନସଭା ଆସନ, ବିଜ୍ଞପ୍ତି ୨ ମାର୍ଚ୍ଚରେ ପ୍ରକାଶ ପାଇବ । ୯ ମାର୍ଚ୍ଚରେ ନାମାଙ୍କନ ପତ୍ରର ଶେଷ ଦିନ, ମତଦାନ ତାରିଖ ୨୭ ମାର୍ଚ୍ଚ । ଦ୍ୱିତୀୟ ପର୍ଯ୍ୟାୟ – ୩୯ ବିଧାନସଭା ଆସନ, ମାର୍ଚ୍ଚ ୫ ରେ ବିଜ୍ଞପ୍ତି ପ୍ରକାଶ ପାଇବ । ମାର୍ଚ୍ଚ ୧୨ ରେ ନାମାଙ୍କନପତ୍ରର ଶେଷ ଦିନ, ଏପ୍ରିଲ ୧ ଭୋଟ୍ ତାରିଖ । ତୃତୀୟ ପର୍ଯ୍ୟାୟ – ୪୦ ବିଧାନସଭା ଆସନ, ବିଜ୍ଞପ୍ତି ୧୨ ମାର୍ଚ୍ଚରେ ପ୍ରକାଶ ପାଇବ । ୧୯ ମାର୍ଚ୍ଚରେ ନାମାଙ୍କନ ପତ୍ରର ଶେଷ ଦିନ, ମତଦାନ ତାରିଖ ୬ ଏପ୍ରିଲ ।

କେରଳର ସମସ୍ତ ବିଧାନସଭା ଆସନ ପାଇଁ ମତଦାନ ଗୋଟିଏ ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ମାର୍ଚ୍ଚ ୧୨ ରେ ବିଜ୍ଞପ୍ତି ପ୍ରକାଶ ପାଇବ । ୨୦ ମାର୍ଚ୍ଚରେ ନାମାଙ୍କନପତ୍ରର ଶେଷ ତାରିଖ, ଭୋଟ୍ ତାରିଖ ୬ ଏପ୍ରିଲ୍ ।

ତାମିଲନାଡୁର ସମସ୍ତ ବିଧାନସଭା ଆସନ ପାଇଁ ମତଦାନ ଗୋଟିଏ ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ମାର୍ଚ୍ଚ ୧୨ରେ ବିଜ୍ଞପ୍ତି ପ୍ରକାଶ ପାଇବ । ୧୯ ମାର୍ଚ୍ଚରେ ନାମାଙ୍କନ ପତ୍ରର ଶେଷ ଦିନ, ମତଦାନ ତାରିଖ ୬ ଏପ୍ରିଲ ।

ପୁଡୁଚେରୀର ସମସ୍ତ ବିଧାନସଭା ଆସନ ପାଇଁ ମତଦାନ ଗୋଟିଏ ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ମାର୍ଚ୍ଚ ୧୨ ରେ ବିଜ୍ଞପ୍ତି ପ୍ରକାଶ ପାଇବ । ୧୯ ମାର୍ଚ୍ଚରେ ନାମାଙ୍କନ ପତ୍ରର ଶେଷ ଦିନ, ମତଦାନ ତାରିଖ ୬ ଏପ୍ରିଲ ।

## ରୋଶନ ମିଶ୍ର ହେଲେ ଛାତ୍ର କଂଗ୍ରେସର ରାଜ୍ୟ ଗଣମାଧ୍ୟମ ସଂଯୋଜକ

ବଲାଙ୍ଗିର, (ନିପ୍ର) : ଛାତ୍ର କଂଗ୍ରେସ ସଭାପତି ନିରଜ କୁନ୍ଦନଙ୍କ ଅନୁମୋଦନ କ୍ରମେ ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସର ସୋସିଆଲ ମିଡ଼ିଆ କର୍ମକର୍ତ୍ତା ମନୋନୀତ କରାଯାଇଛି । ଏହି କ୍ରମରେ ବଲାଙ୍ଗିର ଛାତ୍ର କଂଗ୍ରେସର ରୋଶନ ମିଶ୍ରଙ୍କୁ ରାଜ୍ୟ ଗଣମାଧ୍ୟମ ସଂଯୋଜକ ରୂପେ ମନୋନୀତ କରାଯାଇଛି । ପ୍ରଦେଶ ଛାତ୍ର କଂଗ୍ରେସର ସୋସିଆଲ ମିଡ଼ିଆର ଅଧକ୍ଷ ଭାବେ ହର ପ୍ରସାଦ ବେହେରା, ଉପାଧକ୍ଷ ଭାବେ କୁମାର ଅଭିଷେକ ନାୟକ ଓ ସୌରଭ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିବା ସୂଚନା ରହିଛି ।



ରୋଶନ ମିଶ୍ର ଏହି ଅବସରରେ କଂଗ୍ରସ ଦଳ ନେତା ରାହୁଲ ଗାନ୍ଧୀ, ଓଡିଶା ବିଧାନସଭା କଂଗ୍ରେସ ବିଧାୟକ ଦଳ ନେତା ତଥା ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର, ଏଆଇସିସି ସଦସ୍ୟ ତଥା ପ୍ରଦେଶ କଂଗ୍ରେସ କମିଟି ବରିଷ୍ଠ ମୁଖପାତ୍ର ସମରେନ୍ଦ୍ର ମିଶ୍ର, ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାଷିର୍ ନବାଜ୍, ଓଡିଶା ପ୍ରଦେଶ ଛାତ୍ର କଂଗ୍ରେସ ପ୍ରଭାରୀ ରୋଶନ ଲାଲ ବିଟୁ ଏବଂ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଏବଂ କର୍ଣ୍ଣାଟକ ପରେ ଏବେ ହରିୟାଣାରେ ମଧ ଲଭ୍ ଜିହାଦ୍ ଆଇନ ପ୍ରଯୁଜ୍ୟ ହେବ



ଚଣ୍ଡିଗଡ଼ : ହରିୟାଣା ସରକାର ଖୁବ୍ ଶୀଘ୍ର ରାଜ୍ୟରେ ଲଭ୍ ଜିହାଦ୍ ଆଇନ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି । ଏଥିପାଇଁ ଏକ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି । ଫରିଦାବାଦରେ ବହୁ ଚର୍ଚ୍ଚିତ ନିକିତା ହତ୍ୟା ମାମଲା ପରେ ରାଜ୍ୟ ସରକାର ଏହି ଆଇନ ପ୍ରଣୟନ କରିବାକୁ ଘୋଷଣା କରିଥିଲେ ।

ନିକିତା ହତ୍ୟା ମାମଲାରେ ଏପରି ଅନେକ ସଙ୍କେତ ଥିଲା, ଯେଉଁଥିରେ ପ୍ରେମ ବାହାନାରେ ଧର୍ମାନ୍ତରିକରଣ ସାମ୍ନାକୁ ଆସିଥିଲା । ପୂର୍ବରୁ ହରିୟାଣାରେ ଏପରି ଅନେକ ଘଟଣା ଘଟିଛି, ଯେଉଁଥିରେ ପ୍ରେମର ଛଳନା ଦ୍ୱାରା ଧର୍ମ ପରିବର୍ତ୍ତନ କରାଯାଇଥିଲା । ସୂଚନା ଅନୁସାରେ ପ୍ରାୟ ତିନିମାସ ପୂର୍ବେ ଏହି ଘଟଣାଗୁଡ଼ିକ ଜାଣିବା ପରେ ରାଜ୍ୟ ଗୃହମନ୍ତ୍ରୀ ଅନିଲ ବିଜ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରିଥିଲେ ।

ଏହି କମିଟି ଉତ୍ତରପ୍ରଦେଶ ସମେତ ସମସ୍ତ ରାଜ୍ୟର ଲଭ୍ ଜିହାଦ୍ ଆଇନ ଅଧୟନ କରିଥିଲା, ଯେଉଁଠାରେ ଏହି ନିୟମ ପ୍ରଯୁଜ୍ୟ । ଏହି କମିଟି ଦ୍ୱାରା ଗୃହ ବିଭାଗ ପାଇଁ ଡ୍ରାଫ୍ଟ ପ୍ରସ୍ତୁତ କରାଯାଇଛି ।

## କିଡ଼ନୀ ରୋଗରେ..... (ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ)

ପଂଚାୟତ ସାଉନ୍ତଉପେର ଗ୍ରାମରେ । ସୁରେନ୍ଦ୍ର ବାରିକ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି । ଲୋକଙ୍କ ଚୁଟି କାଟି ପରିବାର ପ୍ରତିପୋଷଣ କରିଥାଆନ୍ତି । ସେ କଳାହାଣ୍ଡି ଜିଲ୍ଲା ନର୍ଲା ଗ୍ରାମରେ ଜଣେ ପୁଅ ସହ ବାହା କରାଇଥିଲେ ତାଙ୍କ ଝିଅକୁ । ରୀତିନୀତି ଅନୁସାରେ ଅନେକ ଯୌତୁକ ଦେଇ ଝିଅକୁ ବାହା କରାଇଥିଲେ । ହେଲେ ଯୌତୁକ ଡିମାଣ୍ଡ କରିଥିଲେ ତାଙ୍କ ଶାଶୁ ଘର ଲୋକେ । ସ୍ୱାମୀ ଓ ସ୍ତ୍ରୀଙ୍କ ମଧରେ ଛୋଟ ଛୋଟ କଥାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ତେବେ ପରିବାର ଲୋକେ ଥାନା ଠାରୁ ଆରମ୍ଭ କରି କୋର୍ଟ ପର୍ଯ୍ୟନ୍ତ ଦୌଡିଲେ । କିନ୍ତୁ ଜ୍ୱାଇଁ ଶେଷ କଥା କୋର୍ଟ ଆଗରେ କହିଥିଲା, ମୁଁ ଏହି ଝିଅକୁ ରଖିବି ନାହିଁ ଓ ମତେ ଜେଲ ହେଲେ ବି କିଛି ଭୟ ନାହିଁ । କିଛି ଦିନ ପରେ ତାର ସ୍ତ୍ରୀକୁ ଛାଡି ଦେଇ ଅନ୍ୟ କୁଆଡେ ଚାଲି ଗଲା । ଫଳରେ ଏବେ ସେହି ଝିଅଟି ବାପା ମା'ର ଭରସାରେ ଜୀବନ ବିତାଉଛି । ସେହି ଝିଅର ୫ ବର୍ଷର ଗୋଟିଏ ପୁଅ ମଧ ଅଛି ତା ସହ । ଏବେ ସେ ମା' ସହ ରହୁଛି । ହେଲେ କୁନି ପିଲାର ମୁହଁରୁ ଏବେ ହସ ଛଡାଇ ନେଇ ଯାଇଛି ତାର ନିର୍ଦ୍ଦୟ ବାପା । ବାପାର ସ୍ନେହ ଓ ଆଦର ଟିକିଏ ମଧ ପାରି ପାରିନଥିବା ବେଳେ ସେହି ନିରୀହ ବାଳକ ତୁଷାର ବାରିକ(୫) ଗତ ବର୍ଷ ଟ୍ୟୁମର ରୋଗରେ ଆକ୍ରାନ୍ତ ହେବା ପରେ ତାର ଗୋଟିଏ ପଟର କିଡ଼ନୀ ନଷ୍ଟ ହୋଇଯାଇଛି । ସେ ଏବେ ଗୋଟିଏ କିଟନୀରେ ଜୀବନ ବିତାଉଥିବା କୁହନ୍ତି ତାର ପରିବାର ଲୋକେ । କେତେବେଳେ କେଉଁ ଘଟଣା ଘଟିବ ଓ ସଂପୂର୍ଣ୍ଣ ଭାବେ ଦୁନିଆଁ ଦେଖି ନଥିବା କୁନି ପିଲାର ଜୀବନ ଚାଲିଯିବ, ତାହା କାହାକୁ ମଧ ଜଣା ନାହିଁ । ତାର ଅଜା ସୁରେନ୍ଦ୍ର ଧାର କରଜ କରି କୁନି ପିଲାର ଚିକିତ୍ସା କରିଥିଲେ । ହେଲେ ଏବେ କୁନି ପିଲାଟି ଭଲ ହେବା ପାଇଁ ହେଲେ ଆଉ ଟଙ୍କା ଦରକାର । କିନ୍ତୁ ଅର୍ଥ ସାଜିଛି ବାଧକ ପିଲାର ଚିକିତ୍ସା ପାଇଁ । ସହାୟତ ପାଇଁ ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇ ଗୁହାରି କରୁଛନ୍ତି ପରିବାର ଲୋକେ । କିନ୍ତୁ ନିରାଶ ହେବାକୁ ପଡ଼ିଛି ସେମାନଙ୍କୁ । ସରକାରଙ୍କ ପକ୍ଷରୁ ଗରିବ ଲୋକଙ୍କ ଚିକିତ୍ସା ପାଇଁ ଅନେକ ଯୋଜନା ରହିଥିବା ବେଳେ ସହାୟତା ମଧ କରାଯାଉଛି । କିନ୍ତୁ ଏହି ୫ ବର୍ଷର ପୁଅ ପାଇଁ ସରକାର ସହାୟତ ମିଳପାରିବ ନାହିଁ କି ବୋଲି ବୁଦ୍ଧୀଜିବୀ ମହଲରେ ପ୍ରଶ୍ନ ଉଠିଛି । ଏନେଇ ସଇଁନ୍ତଲା ବିଡିଓ ଦେବାଶିଷ ସାମଲଙ୍କୁ ପଚାରିବାରୁ ସେ କହିଛନ୍ତି, ପରିବାର ଲୋକେ ସହାୟତା ପାଇଁ ଆକୁଳ ନିବେଦନ କରିଥିଲେ । ଅଥଚ ବ୍ଲକ ପ୍ରଶାସନ ପକ୍ଷରୁ ଏହି ୫ ବର୍ଷର ପୁଅ ପାଇଁ କୌଣସି ସହାୟତା ମିଳି ପାରିବ ନାହିଁ । ତେବେ ପରିବାର ଲୋକେ ବଲାଙ୍ଗିର ଜିଲ୍ଲାପାଳଙ୍କ ଠାରେ ଜଣାନ୍ତୁ ବୋଲି ସେ କହିଛନ୍ତି । ତେବେ ରାଜ୍ୟ ସରକାର ଦୃଷ୍ଟି ଦେଇ ଏହି କୁନି ପିଲାକୁ ସହାୟତା ଦେବା ପାଇଁ ସାଧାରଣରେ ଦାବୀ ହେଉଛି ।

ahir evoaction
karm kaushal siddhi

☝ ଅହିର ଏଭୋକେସନ, ଯାଦବ ଯୁବକ ଯୁବତୀଙ୍କୁ ବୈଷୟିକ ତଥା ବ୍ୟବସାୟିକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବା ପାଇଁ ଏକ ସୁଯୋଗ ସୃଷ୍ଟି କରିଥାଏ ।

☝ ଓଡ଼ିଶାର ବଲାଙ୍ଗିର ଜିଲ୍ଲାରେ ପ୍ରଥମ କରି ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କେବଳ ଉଚ୍ଚ ଶିକ୍ଷିତ ଯାଦବ ଯୁବକ ଯୁବତୀ ଆବେଦନ କରିପାରିବେ ।

☝ ଆମର ସଂସ୍ଥା ଯାଦବ ଯୁବକ ଯୁବତୀଙ୍କୁ ସ୍ଥାନୀୟ ସଂସାଧନକୁ ନେଇ ନିର୍ମାଣ, ପ୍ରକ୍ରିୟାକରଣ ଏବଂ ବ୍ୟବସାୟ ପାଇଁ ଉପଯୁକ୍ତ ତାଲିମ ସହ ସଂପୂର୍ଣ୍ଣ ଭାବରେ ବ୍ୟବସାୟିକ ସହଯୋଗ ଦେବ । ଫଳରେ ଯାଦବ ଯୁବକ ଯୁବତୀମାନେ ନିଜର ଦକ୍ଷତାର ବିନିଯୋଗରେ ନିଜକୁ ଆତ୍ମନିର୍ଭରଶୀଳ କରିପାରିବେ ।

☝ କାର୍ଯ୍ୟକ୍ରମ ପରିଚାଳନା ପାଇଁ କୋଡ଼ିଏ ଜଣ ଉଚ୍ଚଶିକ୍ଷିତ ଯୁବକ ଯୁବତୀଙ୍କ ପାଇଁ ବୈତନିକ ନିଯୁକ୍ତି ଦିଆଯିବ । କେବଳ ଉଚ୍ଚ ଶିକ୍ଷିତ ଯାଦବ ଯୁବକ ଯୁବତୀ ଆବେଦନ କରିପାରିବେ ।

☝ ଆବେଦନକାରୀ କୌଣସି ସାମାଜିକ ସଂସ୍ଥା, ଏନ୍‌ଜିଓ, ମାଇକ୍ରୋ ଫାଇନାନ୍ସ ସଂସ୍ଥା, ଋଣପ୍ରଦାନକାରୀ ଘରୋଇ ସଂସ୍ଥା, ରାଜନୈତିକ ଦଳ ସହ ପ୍ରତ୍ୟକ୍ଷ ଜଡ଼ିତ ନ ଥିବେ ।

☝ ବିଜ୍ଞାପନ ପ୍ରକାଶିତ ହେବାର ଆଠ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ ଓ ଯୋଗାଯୋଗ କରିବାକୁ ଅନୁରୋଧ ।

ରାଜୀବ ସଗରିଆ, ବଙ୍ଗୋମୁଣ୍ଡା, ବଲାଙ୍ଗିର - ୭୬୭୦୪୦







# ବଲାଙ୍ଗିର ପୌର ପରିଷଦ ତରଫରୁ ୪ ଗୋଟି ବ୍ୟାଟେରି ଚାଳିତ ବାହାନର ଶୁଭାରମ୍ଭ : ଚଳାଇବେ କିନ୍ନରମାନେ



ବଲାଙ୍ଗିର, (ନିପ୍ର) : ଆଜି ବଲାଙ୍ଗିର ପୌର ପରିଷଦ କାର୍ଯ୍ୟାଳୟ ପରିସରରୁ ସହରର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ୪ ଗୋଟି ବ୍ୟାଟେରି ଚାଳିତ ବାହାନର ଲୋକାର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ତଥା ବଲାଙ୍ଗିର ଜିଲ୍ଲା ପରିଷଦର ପ୍ରଶାସକ ଚଞ୍ଚଳ ରାଣା ମୁଖ୍ୟ ଅତିଥବ ଭାବେ ଯୋଗ ଦେଇ ସବୁଜ ପତାକା ଦେଖାଇ ଏହି ବାହାନ ଗୁଡ଼ିକର ଶୁଭାରମ୍ଭ କରିଥିଲେ । ଏହି ବାହାନ ଗୁଡ଼ିକ କିନ୍ନର ମାନଙ୍କ ଦ୍ୱାରା ପରିଚାଳିତ ହେବ । ବଲାଙ୍ଗିର ପୌର ପରିଷଦ ଅଧୀନସ୍ଥ ବିଭିନ୍ନ ୱାର୍ଡରେ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ସକାଶେ ସମୁଦାୟ ୨୪ ଗୋଟି ବ୍ୟାଟେରି ଚାଳିତ ବାହାନ ନିୟୋଜିତ କରାଯିବ ଏବଂ ପ୍ରଥମ ପର୍ଯ୍ୟାୟରେ ଆଜି ୪ଟି ବାହାନର ଶୁଭାରମ୍ଭ କରାଯାଇଥିବା ସୂଚନାରେ କୁହାଯାଇଛି । ଏହିସବୁ ବାହାନ ଗୁଡ଼ିକର ପରିଚାଳନା ଦାୟିତ୍ୱ କିନ୍ନର ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯିବ । ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ବଲାଙ୍ଗିର ପୌର ପରିଷଦରେ କିନ୍ନର ମାନଙ୍କୁ ନେଇ ୨ ଗୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରାଯାଇଛି । ଏହାଦ୍ୱାରା ସେମାନଙ୍କର ଆର୍ଥିକ ଉନ୍ନତି ହେବା ସହ ସେମାନେ ସମାଜର ମୁଖ୍ୟସ୍ରୋତରେ ମଧ୍ୟ ସାମିଲ୍ ହୋଇପାରିବେ । ବଲାଙ୍ଗିର ପୌର ପରିଷଦର ଏହି ପଦକ୍ଷେପକୁ କିନ୍ନର ସଂଗଠନ ପ୍ରଶଂସା କରିବା ସହ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେମାନଙ୍କୁ ମିଳିଥିବା ନୂଆ ଦାୟିତ୍ୱକୁ ତୁଲାଇବାକୁ ଆଗ୍ରହ ପ୍ରକାଶ କରିଛନ୍ତି କିନ୍ନରମାନେ ।

ଏହି ଶୁଭାରମ୍ଭ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥା ସୁଦର୍ଶନ ସାଏ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ବଲାଙ୍ଗିର ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ସମେତ ପୌର ପରିଷଦର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଶ୍ରମିକ କର୍ମଚାରୀ ମହାସଂଘର ଦାୟିତ୍ୱ ଗ୍ରହଣ କଲେ ଦୀପକ ନାୟକ



ବଲାଙ୍ଗିର, (ନିପ୍ର) : ଗତ ଜାନୁଆରୀ ୧୭ ତାରିଖ ଦିନ ବିଶିଷ୍ଟ ସମାଜସେବୀ ଶ୍ରମିକ ନେତା ଲଳିତ କୁମାର ନାୟକଙ୍କ ଦେହାନ୍ତ ହୋଇଥିଲା । ଶ୍ରୀ ନାୟକଙ୍କ ଦ୍ୱାରା ଶତାଧିକ ସଂଗଠନକୁ ନେଇ ଶ୍ରମିକ କର୍ମଚାରୀ ମହାସଂଘ ଗଠିତ ହୋଇଥିଲା । ତେବେ ତାଙ୍କ ପୁତୁରା ଦୀପକ ନାୟକ ମହାସଂଘର ଦାଇତ୍ୱ ଗ୍ରହଣ କରିଛନ୍ତି । ବଲାଙ୍ଗିର ସ୍ଥିତ ସାମ୍ବାଦିକ ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମହାସଂଘର ସହ ଅଧକ୍ଷ ରତନ ମହାରଣା, ଉପସଭାପତି ପ୍ରଭାକର ମିଶ୍ର, ସମ୍ପାଦକ ବିନୋଦ ଦାସ, ଦୀପକ ନାୟକ ମଂଚାସୀନ ଥିଲେ । ସୋମନାଥ ମିଶ୍ର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ପରିପ୍ରେକ୍ଷୀରେ ବିଭିନ୍ନ ସଂଗଠନ ଯଥା ମ୍ୟୁନସିପାଲିଟି କର୍ମଚାରୀ ସଂଘ, ସିଡବ୍ଲ୍ୟୁସି ମଜଦୁର ସଂଘ (ବଲାଙ୍ଗିର, ସୋନପୁର), ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ, ଫଳ ମାର୍କେଟ ଠେଲା ଆସୋସିଏସନ, ପଶ୍ଚିମ ଓଡିଶା ପୁରାଣ ପଣ୍ଡା ମହାସଂଘ, ରିକ୍ସା ଚାଳକ ସଂଘ, ଏଞ୍ଜାଇମ ବିଦ୍ୟୁତ କର୍ମଚାରୀ ସଂଘ, ମିଟର ରିଡର ସଂଘ, ଗ୍ରାମ୍ୟ ସ୍ୱରାଜ ବିକାଶ ସମିତି, ମେଡିକାଲ କଲେଜ ଠିକା କର୍ମଚାରୀ ସଂଘ, କାରପେଣ୍ଟର କର୍ମଚାରୀ ସଂଘ, ଲଳିତ ନଗର ଆଦିର ତାଙ୍କ ପୁତୁରା ଦୀପକ ନାୟକ ଦାଇତ୍ୱ ଗ୍ରହଣ କରିଛନ୍ତି । ପରେ ଗୋପାଲଜୀ ପାଣିଗ୍ରାହୀ, ପ୍ରଭାସ ପାଣିଗ୍ରାହୀ, ମୋହନ ଅଗ୍ରୱାଲ, ସାମ୍ବାଦିକ ସତ୍ୟ ବେହେରା, ବୀରେନ୍ଦ୍ର ଝାଙ୍କର, ମନୋରଞ୍ଜନ ଯୋଶୀ, ବିଶ୍ୱଜିତ ଦାସ, କିଶୋର ରଥ, ଭବାନୀ ଶତପଥି, ଅଶୋକ ରାଉତ, ବିବେକ ପଟେଲ, ବିନୋଦ କାଳସାଏ, ଉଦିତ ପଣ୍ଡା, ଜୟନ୍ତ ମହାନ୍ତି, ମନୋଜ ଦୀପ, ଅଙ୍କୁଶ ପାଣ୍ଡିଆ, ଦିଲୀପ ମହନ୍ତ, ରୋହିତ ସାହୁ, ରଞ୍ଜନ ଦୀପ, ନୂଆକର ସେଠ ସ୍ୱର୍ଗତ ନାୟକଙ୍କ ସୃତିରେ ତାଙ୍କ ବକ୍ତବ୍ୟ ରଖିଥିଲେ । ପରେ ବିଭିନ୍ନ ଅନୁଷ୍ଠାନ ଯଥା ମାରୱାଡି ସମ୍ମେଳନ, ଠିକାଦାର ସଂଘ, ସରକାରି ଆଇଟିଆଇ କର୍ମଚାରୀ ସଂଘ, କେବିକେ ଆଇଟିଆଇ କର୍ମଚାରୀ ସଂଘ, ମାହେଶ୍ୱରୀ, ସଂଘ ଅଗ୍ରଗାମୀ, ନଟରାଜ କଳାପରିଷଦ, ଶ୍ରମିକ ମଙ୍ଗଳ ଭବନ, ପିକେ ଆସୋସିଏସନ, ଶାନ୍ତପୂର ବାସୀଙ୍କ ତରଫରୁ ଶ୍ରୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ଅନୁଷ୍ଠାନର କର୍ମକର୍ତା ଶତାଧିକ ସଂଖ୍ୟାରେ ଉପସ୍ଥିତ ଥିଲେ । ଶେଷରେ କିଶୋର ମିଶ୍ର ଧନ୍ୟବାଦ ଦେଇଥିଲେ ।

Printed, Published & Owned by Ananda Chandra Sahu at Anand Printers, Shantipara, Bolangir & Edited by Ananda Chandra Sahu, Shantipara, Bolangir-767002, Ph.(06652)250251, Mobile : 9437151062, 8249183745, email : manmay2008@rediffmail.com, koshalaprabaha@gmail.com

Follow us on website : www.koshalaprabaha.com | Koshala prabaha | Koshala Prabaha
For Update News Pls. Visit Our News Web Portal : koshalaprabahalive.com

ସଂପାଦକ : ଆନଂଦ ଚଂଦ୍ର ସାହୁ
Editor : Ananda Chandra Sahu